Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 245
Friday, 13 November 2026
Balasore, Page : 8, ₹ 2/
ବାଲେଶ୍ୱର, ଶୁକ୍ରବାର, ୧୩ ନଭେମ୍ବର, ୨୦୨୬
ପୃଷ୍ଠା: ୮, ମୂଲ୍ୟ: ୨ଟଙ୍କା
Seithoarambha
Seithoarambha
www.seithoarambha.com

ସୀତୋ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



ସାମ୍ବାଦିକମାନେ ସବୁବେଳେ ଆମକୁ ଚକିତ କରିଦିଅନ୍ତି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୨/୧୧ (ନ୍ୟୁ.ଏ): ସାମ୍ବାଦିକମାନେ ସବୁବେଳେ ଆମକୁ ଚକିତ କରିଦିଅନ୍ତି । ୨୦୦୧ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ହେବା ଖବର ବଜର ଅଳ୍ପ ଜେତେଜଣ ବରିଷ୍ଠ ନେତାଙ୍କୁ ଜଣାଥିବା ବେଳେ ସାମ୍ବାଦିକମାନେ ଆଜୁଣା ଏହା ଜାଣିପାରିଥିଲେ । ଗୁରୁବାର ଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ଆୟୋଜିତ ଦୀପାବଳି ମିଳନ କାର୍ଯ୍ୟକ୍ରମରେ ସାମ୍ବାଦିକମାନଙ୍କ ସହ ଆଲୋଚନା ବେଳେ ଏହି ପୁରୁଣା ସ୍ମୃତି ମନେ ପକାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ମୋଦୀ କହିଥିଲେ, ସେତେବେଳେ ବଜର ମାତ୍ର ଦୁଇରୁ ତାରିଜଣ ବରିଷ୍ଠ ନେତା ତାଙ୍କ ମୁଖ୍ୟମନ୍ତ୍ରୀ ହେବା ସମ୍ପର୍କରେ ଜାଣିଥିଲେ । ସେ ଅଧିକାଂଶ ସମୟ ଦିଲ୍ଲୀର ୧୧ ଅଶୋକ ରୋଡ୍‌ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ବିତାଉଥିଲେ । ଦିନେ ବଜେ ସାମ୍ବାଦିକ ହଠାତ୍ ତାଙ୍କ ଜୋରିକୁ ପଶିଆସିଥିଲେ । ସେମାନଙ୍କ ମଧ୍ୟରେ ଏକ ମହିଳା ସାମ୍ବାଦିକ ଗୋଷ୍ଠୀ ଥିଲେ, ଯେଉଁମାନଙ୍କର ବେଶ୍ ପ୍ରରାଚ ଥିଲା । ସେମାନେ ମୋଦୀଙ୍କୁ ମିଠା ଖୁଆଇବାକୁ ଦାବି କରିଥିଲେ । ଜାଇଁହି ମିଠା ଖୁଆଇବେ ବୋଲି ସେ ପଚାରିବାରୁ



ସାମ୍ବାଦିକମାନେ କହିଥିଲେ, ଆପଣ ଗୁଜରାଟର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି । ମୋଦୀ ଏ ସମ୍ପର୍କରେ ନିଜେ କିଛି ଜାଣିନଥିବା କହିଥିଲେ ମଧ୍ୟ ସାମ୍ବାଦିକମାନେ ତାଙ୍କ କଥାକୁ ବିଶ୍ୱାସ କରିନଥିଲେ । ଶେଷରେ ସେମାନଙ୍କ ସୂଚନା ସତ୍ୟ ପ୍ରମାଣିତ ହୋଇଥିଲା । ୨୦୦୧ ଅକ୍ଟୋବର ୭ରେ ଗୁଜରାଟ ମୁଖ୍ୟମନ୍ତ୍ରୀ ରାତେ ଶପଥ ନେବା ସମୟରେ ଅନେକ ସାମ୍ବାଦିକ ବନ୍ଧୁ ନିଜ ଖର୍ଚ୍ଚରେ ଓ ନିଜ ବ୍ୟବସ୍ଥାରେ ସେଠାରେ ପହଞ୍ଚିଥିଲେ । ସେମାନେ ଖବର ସଂଗ୍ରହ ପାଇଁ ନୁହେଁ, ବରଂ ବନ୍ଧୁତା ଓ ଆତ୍ମୀୟତା ଯୋଗୁଁ ଆସିଥିଲେ ବୋଲି ମୋଦୀ କହିଥିଲେ । ଗତ ମାସରେ ସରକାରର ମୁଖ୍ୟ ଭାବେ ତାଙ୍କର ୨୫ ବର୍ଷ ପୂରଣ ହୋଇଥିବା କଥା ମଧ୍ୟ ସେ ମନେ ପକାଇଥିଲେ । ସାମ୍ବାଦିକତାର ପରିବର୍ତ୍ତନ ସମ୍ପର୍କରେ ମୋଦୀ କହିଥିଲେ, ପ୍ରେସ୍ ବିଜ୍ଞପ୍ତିରୁ ଆରମ୍ଭ କରି ଇନ୍‌ଷ୍ଟାଗ୍ରାମ୍ ରିଲ୍ ପର୍ଯ୍ୟନ୍ତ ଗଣମାଧ୍ୟମର ଦୀର୍ଘ ପରିବର୍ତ୍ତନକୁ ସେ ନିଜେ ଦେଖିଛନ୍ତି । ୧୯୯୦ ଦଶକରେ ଦୂରତି ବନ୍ଦ ଯାତ୍ରା ପାଇଁ ତାଙ୍କୁ ଦେଶବ୍ୟାପୀ ଗଣମାଧ୍ୟମ ସମ୍ପର୍କିତ ଦାୟିତ୍ୱ ଦିଆଯାଇଥିଲା । ସେତେବେଳେ ଏକ ପ୍ରେସ୍ ବିଜ୍ଞପ୍ତି ପଠାଇବାକୁ ଫ୍ୟାକ୍ସ ମେସିନ୍ ଖୋଜିବାକୁ ପଡୁଥିଲା । ଆଜି ମୋବାଇଲ୍ ଫୋନ୍ ହିଁ ସବୁ କାମ କରୁଛି ଏବଂ ପ୍ରତ୍ୟେକଙ୍କର ନିଜସ୍ୱ ଡିଜିଟାଲ୍ ମଂଚ ରହିଛି । ଦୂରଦର୍ଶଣ, ଭୂମିକମ୍ପ କିମ୍ବା ବନ୍ୟା ଭଳି ବିପର୍ଯ୍ୟୟ ସମୟରେ ଲୋକେ ଘଟଣାସ୍ଥଳ ଛାଡ଼ିଥିବା ବେଳେ ସାମ୍ବାଦିକମାନେ ଜୀବନକୁ ବିପନ୍ନ କରି ସେଠାରେ ପହଞ୍ଚନ୍ତି । ଏହି ସାହସ ଓ ନିଷ୍ଠା ପ୍ରଶଂସନୀୟ ବୋଲି ସେ କହିଥିଲେ । ଡିଜିନ୍ୟୁ ମତ ଓ ବୃଷ୍ଟିକୋଣ ଭାରତୀୟ ଗଣତନ୍ତ୍ରକୁ ସଜାବ ରଖିଥାଏ ଏବଂ ଏଥିରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମୋଦୀ ମତ ଦେଇଥିଲେ । ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଦେଶ କରିବାର ଲକ୍ଷ୍ୟ ପୂରଣରେ ଗଣମାଧ୍ୟମର ସହଯୋଗ ମଧ୍ୟ ସେ କାମନା କରିଥିଲେ ।

୧୪ରେ ମିଳିବ ପ୍ରଧାନମନ୍ତ୍ରୀ ଆବାସ

ଭୁବନେଶ୍ୱର, ୧୨/୧୧ (ଆ.ପ୍ର) : ରାଜ୍ୟରେ ଆବାସ ଯୋଜନାକୁ ନେଇ ବଡ଼ ଖବର । ପକ୍କା ଘର ପାଇବେ ରାଜ୍ୟର ୭ ଲକ୍ଷ ହିତାଧିକାରୀ । ଏଥିପାଇଁ ଆସନ୍ତା ୧୪ ତାରିଖରେ ଓଡ଼ିଶା ଆସୁଛନ୍ତି କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନ । ପଶ୍ଚିମ ଓଡ଼ିଶାର ବରାଙ୍ଗରରେ ହିତାଧିକାରୀଙ୍କୁ ଆବାସ ବଣ୍ଟନ କରାଯିବ । ପଂଚାୟତିରାଜ ମନ୍ତ୍ରୀ ଉଦୟନ ଏ ନେଇ ସୂଚନା ଦେଇଛନ୍ତି । ଗ୍ରାମାଂଚଳରେ ଯେଉଁ ହିଁ ସବୁ କାମ କରୁଛି ଏବଂ ପ୍ରତ୍ୟେକଙ୍କର ନିଜସ୍ୱ ଡିଜିଟାଲ୍ ମଂଚ ରହିଛି । ଦୂର୍ଘଟଣା, ଭୂମିକମ୍ପ କିମ୍ବା ବନ୍ୟା ଭଳି ବିପର୍ଯ୍ୟୟ ସମୟରେ ଲୋକେ ଘଟଣାସ୍ଥଳ ଛାଡ଼ିଥିବା ବେଳେ ସାମ୍ବାଦିକମାନେ ଜୀବନକୁ ବିପନ୍ନ କରି ସେଠାରେ ପହଞ୍ଚନ୍ତି । ଏହି ସାହସ ଓ ନିଷ୍ଠା ପ୍ରଶଂସନୀୟ ବୋଲି ସେ କହିଥିଲେ । ଡିଜିନ୍ୟୁ ମତ ଓ ବୃଷ୍ଟିକୋଣ ଭାରତୀୟ ଗଣତନ୍ତ୍ରକୁ ସଜାବ ରଖିଥାଏ ଏବଂ ଏଥିରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମୋଦୀ ମତ ଦେଇଥିଲେ । ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଦେଶ କରିବାର ଲକ୍ଷ୍ୟ ପୂରଣରେ ଗଣମାଧ୍ୟମର ସହଯୋଗ ମଧ୍ୟ ସେ କାମନା କରିଥିଲେ ।

ସମସ୍ତ ବିଭାଗର ସଚିବସ୍ତରୀୟ ବୈଠକ

ଭୁବନେଶ୍ୱର: ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତା ରେ ସର୍ବ ବରିଷ୍ଠ ସ୍ତରୀୟ



ବୈଠକ ଆଜି(ଗୁରୁବାର) ଖାରବେଳ ଭବନସ୍ଥିତ ସଚିବାଳୟ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ଓ ସମୀକ୍ଷା କରାଯାଇଛି । ଏଥିରେ ୨୦୨୬-୨୭ ବଜେଟ୍ ଅନୁମୋଦନ ଅନୁସାରେ ଖର୍ଚ୍ଚ ସମୀକ୍ଷା କରାଯିବା ସହ ଆଗତ ହେବାକୁ ଥିବା ଅତିରିକ୍ତ ବଜେଟ୍ ଏବଂ ଆଗାମୀ ୨୦୨୭-୨୮ ବାର୍ଷିକ ବଜେଟ୍ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେବେଶ୍ରୀନ କୁମାର ସିଂ ଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ତଥା କମିଶନର ତଥା ଶାସନ ସଚିବମାନେ ବୈଠକରେ ଯୋଗଦେଇଥିଲେ । ବୈଠକରୁ ମିଳିଥିବା ସୂଚନାନୁସାରେ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭିଆଲ ଡାଟା ସେଂଟର ଉଦ୍‌ଘାଟନ, କଳିଙ୍ଗନଗରରେ ଶିଳ୍ପ ପ୍ରଦର୍ଶନୀ ଭୂମିପୂଜନ, ଅଖୟ ଶକ୍ତି ଷ୍ଟେଡ୍‌ରେ ୧.୧୨ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ, ୧୮ଟି ବୁଣାଶାପଡ଼ୁ ସ୍ୱାକ୍ଷର, ରାଜ୍ୟ କ୍ୟାବିନେଟ୍‌ରେ ପ୍ରମୁଖ ନିଷ୍ପତ୍ତି ଏବଂ ୨,୦୬୭ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ ଅନ୍ୟତମ । ସେହିପରି ଦୁର୍ଗାତି ନିବାରଣ କ୍ଷେତ୍ରରେ ଦୋଷୀ ସାବ୍ୟସ୍ତ ହାର ୬୫%କୁ ବୃଦ୍ଧି, ଲାଭଜନକ ପୁଅଖୁଣ୍ଟ ଓ ମହିନା ହଟି ଦଳର ଏସୀୟ କ୍ରୀଡ଼ାରେ ପ୍ରଥମଥର ବିଜୟ, ୬୩୩୦ଟି ବିଦ୍ୟାଳୟରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ତୃତୀୟ ପର୍ଯ୍ୟାୟ, ପେନ୍‌ସନ୍ ପରିକଳ୍ପନା ପୋର୍ଟାଲ୍‌ର ଶୁଭାରମ୍ଭ ଏବଂ ସ୍ୱଚ୍ଛ ସର୍ବେକ୍ଷଣରେ ପୁରୀ, ଭୁବନେଶ୍ୱର ଓ ଜାତିସଂଘ ଉଦ୍ୟୋଗ ଚା'ର ସମ୍ପର୍କରେ ଏ ସୂଚନା ଦେଇଛନ୍ତି । ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତା ରେ ସର୍ବ ବରିଷ୍ଠ ସ୍ତରୀୟ ବୈଠକ ଆଜି(ଗୁରୁବାର) ଖାରବେଳ ଭବନସ୍ଥିତ ସଚିବାଳୟ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ଓ ସମୀକ୍ଷା କରାଯାଇଛି । ଏଥିରେ ୨୦୨୬-୨୭ ବଜେଟ୍ ଅନୁମୋଦନ ଅନୁସାରେ ଖର୍ଚ୍ଚ ସମୀକ୍ଷା କରାଯିବା ସହ ଆଗତ ହେବାକୁ ଥିବା ଅତିରିକ୍ତ ବଜେଟ୍ ଏବଂ ଆଗାମୀ ୨୦୨୭-୨୮ ବାର୍ଷିକ ବଜେଟ୍ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେବେଶ୍ରୀନ କୁମାର ସିଂ ଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ତଥା କମିଶନର ତଥା ଶାସନ ସଚିବମାନେ ବୈଠକରେ ଯୋଗଦେଇଥିଲେ । ବୈଠକରୁ ମିଳିଥିବା ସୂଚନାନୁସାରେ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭିଆଲ ଡାଟା ସେଂଟର ଉଦ୍‌ଘାଟନ, କଳିଙ୍ଗନଗରରେ ଶିଳ୍ପ ପ୍ରଦର୍ଶନୀ ଭୂମିପୂଜନ, ଅଖୟ ଶକ୍ତି ଷ୍ଟେଡ୍‌ରେ ୧.୧୨ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ, ୧୮ଟି ବୁଣାଶାପଡ଼ୁ ସ୍ୱାକ୍ଷର, ରାଜ୍ୟ କ୍ୟାବିନେଟ୍‌ରେ ପ୍ରମୁଖ ନିଷ୍ପତ୍ତି ଏବଂ ୨,୦୬୭ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ ଅନ୍ୟତମ । ସେହିପରି ଦୁର୍ଗାତି ନିବାରଣ କ୍ଷେତ୍ରରେ ଦୋଷୀ ସାବ୍ୟସ୍ତ ହାର ୬୫%କୁ ବୃଦ୍ଧି, ଲାଭଜନକ ପୁଅଖୁଣ୍ଟ ଓ ମହିନା ହଟି ଦଳର ଏସୀୟ କ୍ରୀଡ଼ାରେ ପ୍ରଥମଥର ବିଜୟ, ୬୩୩୦ଟି ବିଦ୍ୟାଳୟରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ତୃତୀୟ ପର୍ଯ୍ୟାୟ, ପେନ୍‌ସନ୍ ପରିକଳ୍ପନା ପୋର୍ଟାଲ୍‌ର ଶୁଭାରମ୍ଭ ଏବଂ ସ୍ୱଚ୍ଛ ସର୍ବେକ୍ଷଣରେ ପୁରୀ, ଭୁବନେଶ୍ୱର ଓ ଜାତିସଂଘ ଉଦ୍ୟୋଗ ଚା'ର ସମ୍ପର୍କରେ ଏ ସୂଚନା ଦେଇଛନ୍ତି । ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତା ରେ ସର୍ବ ବରିଷ୍ଠ ସ୍ତରୀୟ ବୈଠକ ଆଜି(ଗୁରୁବାର) ଖାରବେଳ ଭବନସ୍ଥିତ ସଚିବାଳୟ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ଓ ସମୀକ୍ଷା କରାଯାଇଛି । ଏଥିରେ ୨୦୨୬-୨୭ ବଜେଟ୍ ଅନୁମୋଦନ ଅନୁସାରେ ଖର୍ଚ୍ଚ ସମୀକ୍ଷା କରାଯିବା ସହ ଆଗତ ହେବାକୁ ଥିବା ଅତିରିକ୍ତ ବଜେଟ୍ ଏବଂ ଆଗାମୀ ୨୦୨୭-୨୮ ବାର୍ଷିକ ବଜେଟ୍ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେବେଶ୍ରୀନ କୁମାର ସିଂ ଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ତଥା କମିଶନର ତଥା ଶାସନ ସଚିବମାନେ ବୈଠକରେ ଯୋଗଦେଇଥିଲେ । ବୈଠକରୁ ମିଳିଥିବା ସୂଚନାନୁସାରେ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭିଆଲ ଡାଟା ସେଂଟର ଉଦ୍‌ଘାଟନ, କଳିଙ୍ଗନଗରରେ ଶିଳ୍ପ ପ୍ରଦର୍ଶନୀ ଭୂମିପୂଜନ, ଅଖୟ ଶକ୍ତି ଷ୍ଟେଡ୍‌ରେ ୧.୧୨ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ, ୧୮ଟି ବୁଣାଶାପଡ଼ୁ ସ୍ୱାକ୍ଷର, ରାଜ୍ୟ କ୍ୟାବିନେଟ୍‌ରେ ପ୍ରମୁଖ ନିଷ୍ପତ୍ତି ଏବଂ ୨,୦୬୭ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ ଅନ୍ୟତମ । ସେହିପରି ଦୁର୍ଗାତି ନିବାରଣ କ୍ଷେତ୍ରରେ ଦୋଷୀ ସାବ୍ୟସ୍ତ ହାର ୬୫%କୁ ବୃଦ୍ଧି, ଲାଭଜନକ ପୁଅଖୁଣ୍ଟ ଓ ମହିନା ହଟି ଦଳର ଏସୀୟ କ୍ରୀଡ଼ାରେ ପ୍ରଥମଥର ବିଜୟ, ୬୩୩୦ଟି ବିଦ୍ୟାଳୟରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ତୃତୀୟ ପର୍ଯ୍ୟାୟ, ପେନ୍‌ସନ୍ ପରିକଳ୍ପନା ପୋର୍ଟାଲ୍‌ର ଶୁଭାରମ୍ଭ ଏବଂ ସ୍ୱଚ୍ଛ ସର୍ବେକ୍ଷଣରେ ପୁରୀ, ଭୁବନେଶ୍ୱର ଓ ଜାତିସଂଘ ଉଦ୍ୟୋଗ ଚା'ର ସମ୍ପର୍କରେ ଏ ସୂଚନା ଦେଇଛନ୍ତି ।

ବିଜେପି-ଆରଏସ୍‌ଏସ୍ ବିରୋଧରେ ବର୍ଷିଲେ ପ୍ରିୟଙ୍କା

ନୂଆଦିଲ୍ଲୀ, ୧୨/୧୧ (ନ୍ୟୁ.ଏ): ଜିକଟରେ ପ୍ରକାଶିତ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଆତ୍ମଜୀବନୀ ''ଦିଲଜିଂଦ୍ଦ: ଏ ଜର୍ଣ୍ଣି ଅଫ୍ ଲର୍ଣ୍ଣ('' କୁ ନେଇ ଶାସକ ବିଜେପି ଓ ବିରୋଧୀ କଂଗ୍ରେସ ମଧ୍ୟରେ ରାଜନୈତିକ ବାଲ୍‌ଯୁଦ୍ଧ ତାତ୍ର ହୋଇଛି । ଗୁରୁବାର କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଉଡ଼ା ବିଜେପି ଏବଂ ଆରଏସ୍‌ଏସ୍ କୁ କଡ଼ା ସମାଲୋଚନା କରି କହିଛନ୍ତି ଯେ, ଏହି ସଂଗଠନଗୁଡ଼ିକ ତାଙ୍କ ମାଆଙ୍କ ବିଷୟରେ ଦୀର୍ଘ ବର୍ଷ ଧରି ମିଥ୍ୟା ଛାଇଶା ପ୍ରଚାର କରିଆସୁଥିଲେ ଏବଂ ଏବେ ଯେତେବେଳେ ସେ ନିଜ ପୁସ୍ତକ ମାଧ୍ୟମରେ ସତ୍ୟ କହୁଛନ୍ତି, ସେତେବେଳେ ସେମାନେ ତାଙ୍କୁ ମିଛ ବୋଲି ଆଖ୍ୟା ଦେଉଛନ୍ତି । ଖ୍ରାୟନାଡ ସାଂସଦ ପ୍ରିୟଙ୍କା ଗାନ୍ଧୀ କହିଛନ୍ତି ଯେ, ଭାରତରେ ତାଙ୍କ ମାଆଙ୍କ ଅଧିକାଂଶ ଜୀବନକାଳ ମଧ୍ୟରେ ବିଜେପି, ଆରଏସ୍‌ଏସ୍ ଏବଂ ଅନ୍ୟମାନେ ତାଙ୍କ ବିରୋଧରେ ମନଗଢ଼ା ଛାହାଣୀ ସୃଷ୍ଟି କରିଥିଲେ ମଧ୍ୟ ସେ ନୀରବ ରହିଥିଲେ । ବର୍ତ୍ତମାନ ନିଜର ଛାହାଣୀ ରହିବାର ତାଙ୍କର ସମ୍ପୂର୍ଣ୍ଣ ଅଧିକାର ରହିଛି । ଦୀର୍ଘ ଦିନ ଧରି ମିଛ କହିଆସୁଥିବା ଲୋକମାନେ ଏବେ ସତ୍ୟକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ବୋଲି ସେ କଟାକ୍ଷ କରିବା ସହ ଶାସକ ଦଳର ନେତାମାନେ ଏହି ପୁସ୍ତକ ପଢୁଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି । ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜସ୍ୱ ବୃଷ୍ଟିକୋଣ ଏବଂ ଜାଣିବା ଆଏ ଏବଂ ସୋନିଆ ଗାନ୍ଧୀ ନିଜ ପୁସ୍ତକରେ କେବଳ ନିଜର ପକ୍ଷ ରଖିଛନ୍ତି ବୋଲି ପ୍ରିୟଙ୍କା ସ୍ପଷ୍ଟ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ମଙ୍ଗଳବାର ରୋଜିଆ ଗାନ୍ଧୀଙ୍କ ଏହି ଆତ୍ମଜୀବନୀ ଉନ୍ମୋଚିତ ହେବା ପରଠାରୁ ଏହାକୁ ନେଇ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି । ବିଜେପି ଅଭିଯୋଗ କରିଥିବା ଯେ ସୋନିଆ ନିଜ ପୁସ୍ତକ ମାଧ୍ୟମରେ ୧୯୭୫ ମସିହାର ଜରୁରୀକାଳୀନ ପରିସ୍ଥିତିକୁ ଯଥାର୍ଥ ଦର୍ଶାଇବାକୁ ଚେଷ୍ଟା କରିଛନ୍ତି ଏବଂ ୧୯୮୪ ଖ୍ରୀଷ୍ଟ ବିରୋଧୀ ଦଙ୍ଗା ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ''କ୍ଲିନ୍ ଚିଟ୍'' ଦେଇଛନ୍ତି । ଏହି ପୁସ୍ତକର ନାମ ''ଦିଲଜିଂଦ୍ଦ'' ବଦଳରେ ''ସ୍ପାଇଲ୍ ଖ୍ରୀଙ୍ଗ୍'' ରଖାଯିବା ଉଚିତ୍ ଥିଲା ବୋଲି ବିଜେପି ସମାଲୋଚନା କରିବା ସହ କେବଳ ଛୋଟ ଦ୍ୟାଳ ରାଜନୀତି ପାଇଁ ତାଙ୍କ ଆଖୁରୁ ଲୁହ ଝରୁଥିବା ଭଳି ଗୁରୁତର ଆକ୍ଷେପ କରିଥିଲା ।

ଖୁବଶୀଘ୍ର ସଂସଦର ସ୍ୱତନ୍ତ୍ର ଅଧିବେଶନ

ନୂଆଦିଲ୍ଲୀ, ୧୨/୧୧ (ନ୍ୟୁ.ଏ): ସମ୍ବିଧାନ ସଂଶୋଧନ ବିଲ୍ ପାରିତ କରିବା ପାଇଁ ଖୁବଶୀଘ୍ର ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବେ ସରକାର । ମହିନା ସଂରକ୍ଷଣକୁ ଲାଗୁ କରିବା ପାଇଁ ଆବଶ୍ୟକ ସମ୍ବିଧାନ ସଂଶୋଧନ ପାଇଁ ସରକାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ସୂଚନା ଦେଇଛନ୍ତି କେନ୍ଦ୍ର ସରକାର । ଏହା ସମ୍ବିଧାନ ସଂଶୋଧନ ସହ ଜଡ଼ିତ ହୋଇଥିବାରୁ ବିଲ୍ ପାରିତ ପାଇଁ ଗୃହର ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଦରକାର । ପୂର୍ବରୁ ଏହାକୁ ଯୋଡ଼ାଦଡ଼ କରିବାରେ ବିଫଳ ହୋଇଥିବା କେନ୍ଦ୍ର ସରକାର ଏବେ ଆବଶ୍ୟକ ସମର୍ଥନ ନିଜ ପକ୍ଷରେ କରିଥିବା ଆଶା କରି ସ୍ୱତନ୍ତ୍ର ବିଲ୍ ପକ୍ଷରେ ସଦସ୍ୟ ଯୋଗାଡ଼ କରିବା ନେଇ ବେଶ ଆଶାବାଦୀ ରହିଛନ୍ତି । ସମ୍ବିଧାନ ସଂଶୋଧନ ବିଲ୍ ଆବଶ୍ୟକ ଦୁଇ ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ଠାରୁ ଅଧିକ ୧୫ଟି ୧୮ଟି ଭୋଟ ପାଇବ ବୋଲି ସରକାରୀ ସୂତ୍ରରେ କୁହାଯାଇଛି । ତେବେ ସଂସଦର ସ୍ୱତନ୍ତ୍ର ଅଧିବେଶନର ତାରିଖ କିମ୍ବା ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଏ ସୂତ୍ରରେ କିଛି ବି କୁହାଯାଇ ନାହିଁ ।



ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ସହ ଜଡ଼ିତ ସମ୍ବିଧାନ ସଂଶୋଧନ ମହିନା ସଂରକ୍ଷଣ ବିଲ ପାରିତ କରିବାରେ ବିଫଳ ହୋଇଥିବାରୁ ସରକାର । ଏହା ସମ୍ବିଧାନ ସଂଶୋଧନ ସହ ଜଡ଼ିତ ହୋଇଥିବାରୁ ବିଲ୍ ପାରିତ ପାଇଁ ଗୃହର ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଦରକାର । ପୂର୍ବରୁ ଏହାକୁ ଯୋଡ଼ାଦଡ଼ କରିବାରେ ବିଫଳ ହୋଇଥିବା କେନ୍ଦ୍ର ସରକାର ଏବେ ଆବଶ୍ୟକ ସମର୍ଥନ ନିଜ ପକ୍ଷରେ କରିଥିବା ଆଶା କରି ସ୍ୱତନ୍ତ୍ର ବିଲ୍ ପକ୍ଷରେ ସଦସ୍ୟ ଯୋଗାଡ଼ କରିବା ନେଇ ବେଶ ଆଶାବାଦୀ ରହିଛନ୍ତି । ଉଭୟ ଲୋକସଭା ଓ ରାଜ୍ୟସଭାରେ ସମ୍ବିଧାନ ସଂଶୋଧନ ବିଧେୟକ ପାଇଁ ଆବଶ୍ୟକ ଦୁଇ ତୃତୀୟାଂଶ ସାଂସଦଙ୍କ ସମର୍ଥନ ସରକାର ନିଜ ପକ୍ଷରେ ଆଣିବାକୁ ଦେଖି ଆଶାବାଦୀ ରହିଛନ୍ତି । ସମର୍ଥନ ହାସଲ କରିବା ଦିଗରେ ସରକାର ଗୋଟିଏ ଚାଳନା କରୁଥିବା ବେଳେ କିଛି ବିରୋଧୀ ଦଳଗୁଡ଼ିକ ସହ ମଧ୍ୟ ଯୋଗାଯୋଗ କରିଛନ୍ତି । କିଛି ରାଜନୀତିକ ଦଳ ନିଜର ଆଭିମୁଖ୍ୟ ବଦଳାଇବାର ସଙ୍କେତ ଦେଇଥିବାରୁ ସରକାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଚାହୁଁଥିବା ଏହି ସୂତ୍ରରେ କୁହାଯାଇଛି । ସମ୍ବିଧାନ ପ୍ରସଙ



କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସେଥୋ ଆରମ୍ଭ
SEITHO ARAMBHA

ଶୁକ୍ରବାର, ୧୩ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

ଚାଷୀଙ୍କୁ ସୁରକ୍ଷା, ଉଦ୍ୟୋଗୀଙ୍କୁ ସୁଯୋଗ ଓ ଐତିହ୍ୟକୁ ସମ୍ମାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ : ସତ୍ୟବ୍ରତ ପଣ୍ଡା



ଭୁବନେଶ୍ୱର, ୧୨/୧୧ (ଆ.ପ୍ର) : ଚାଷୀଙ୍କ ଆର୍ଥିକ ସୁରକ୍ଷା, ମହିଳା ଓ ଦଳିତ ବର୍ଗଙ୍କ ଉଦ୍ୟୋଗ ବିକାଶ, କ୍ଷୁଦ୍ର ବ୍ୟବସାୟର ସମ୍ପ୍ରସାରଣ ଏବଂ ଆରବୀୟ ସଭ୍ୟତାର ଗୌରବ ପ୍ରତିଷ୍ଠା ପାଇଁ କେନ୍ଦ୍ର କ୍ୟାବିନେଟର ଚାରିଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ଓଡ଼ିଶା ବିଜେପି ସ୍ୱାଗତ କରିଛି । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରାଜ୍ୟ ବିଜେପି ପକ୍ଷରୁ ମୁଖ୍ୟପାତ୍ର ସତ୍ୟବ୍ରତ ପଣ୍ଡା ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପଣ୍ଡା କହିଛନ୍ତି, ଆନ୍ତର୍ଜାତିକ ବଜାରରେ ସୁନ ଓ ଜଂଟାମାଲ ଉତ୍ପତ୍ତିରେ ବୋଝ ଚାଷୀଙ୍କ ଉପରେ ନ ପକାଇବା ପାଇଁ ଉକି ୨୦୨୨-୨୨ ଉତ୍ପାଦନ ଫଂଫଟ୍ ଓ ପଟାସ୍ୟୁକ୍ତ ସାର ପାଇଁ ୬୨,୩୬୦.୦୨ କୋଟି ଟଙ୍କାର ସବ୍‌ସିଡି ବ୍ୟବସ୍ଥା କରାଯାଇଛି । ୟୁରିଆ ସବ୍‌ସିଡିକୁ ମିଶାଇଲେ ଚଳିତ ଆର୍ଥିକ ବର୍ଷ ଏହି ଘୋଷଣା ଭିତିକ ସବ୍‌ସିଡିର ଆକାର ପ୍ରାୟ ୩ ଲକ୍ଷ କୋଟି ଟଙ୍କା ହେବ । ୨୦୨୬-୨୨ ତଳଟରେ ଏଥିପାଇଁ ୧.୧୬ ଲକ୍ଷ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା । ନଭେମ୍ବର ୧୦ ସୁଦ୍ଧା ଦେଶରେ ସାର ମହତ୍ୱର ଗତବର୍ଷର ୧୭୩.୪୬ରୁ ବଢ଼ି ୨୩୫.୨୧ ଲକ୍ଷ ଟନ୍ ହୋଇଛି । ଏଥିରେ ୟୁରିଆ ୧୦୩.୧୨, ଡିଏପି ୨୮.୬୫ ଓ ଏନ୍‌ପିକେ ୬୦.୮୨ ଲକ୍ଷ ଟନ୍ ରହିଛି । ଏହି ବର୍ଦ୍ଧିତ ମହତ୍ୱର ସବ୍‌ସିଡିଯୁକ୍ତ ସାର ଯୋଗାଣ ଚାଷୀଙ୍କୁ ଆଶ୍ୱସ୍ତ କରିଛି । ଖାଦ୍ୟ-ଅପ୍ ଚକ୍ରିଆ ଯୋଜନାକୁ ୩୧ ମାର୍ଚ୍ଚ ୨୦୩୧ ପର୍ଯ୍ୟନ୍ତ ବଢ଼ାଇବା ଏବଂ ୪,୧୧୧ କୋଟି ଟଙ୍କାର ଋଣ ଗ୍ୟାରେଂଟି ପାଣ୍ଠି ଅନୁମୋଦନ ସାମାଜିକ ନ୍ୟାୟକୁ ଆର୍ଥିକ ସଶକ୍ତୀକରଣ ସହ ଯୋଡ଼ିଛି । ଆର ଅତି କମ୍‌ରେ ୨.୫ ଲକ୍ଷ ମହିଳା, ଅନୁସୂଚିତ ଜାତି ଓ ଜନଜାତି ଉଦ୍ୟୋଗୀଙ୍କୁ ସହାୟତା ଦେବା ଏମାନ ଲକ୍ଷ୍ୟ ରହିଛି । ୨୦୧୬ରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ୨.୭୫ ଦୁର୍ଦ୍ଦ ଶ୍ରେଣୀର ଉଦ୍ୟୋଗୀ ପ୍ରବେଶ କରିଛନ୍ତି । ଓଡ଼ିଶାର ଜନଜାତି ବହୁଳ ଅଂଚଳ ଓ ମହିଳା ଉଦ୍ୟୋଗୀଙ୍କ ପାଇଁ ଏହା ଏକ ବିଶେଷ ସୁଯୋଗ ସୃଷ୍ଟି କରିଛି । ସେହିପରି ମୁଦ୍ରା ଯୋଜନା ଅନ୍ତର୍ଗତ କ୍ଷୁଦ୍ର ୟୁନିଟ୍ ଋଣ ଗ୍ୟାରେଂଟି ପାଣ୍ଠିର ଅବଧି ୨୦୩୧ ପର୍ଯ୍ୟନ୍ତ ବୃଦ୍ଧି ସହ ୫,୦୦୦ କୋଟି ଟଙ୍କାର ପାଣ୍ଠି ଅନୁମୋଦିତ ହୋଇଛି । ଏହା ଆସନ୍ତା ପାଂଚ ବର୍ଷରେ ୧୨.୬ ଲକ୍ଷ କୋଟି ଟଙ୍କାର ମୁଦ୍ରା ଋଣ ପ୍ରଦାନକୁ ସହଜ କରିବ । ଋଣଦାତାଙ୍କ ଗ୍ୟାରେଂଟି ଶୂନ୍ୟ ହ୍ରାସ ଏବଂ ଯୋଗ୍ୟ କ୍ଷୁଦ୍ର ଉଦ୍ୟୋଗକୁ ବିନା ବନ୍ଧକରେ ଋଣ ସୁବିଧା ଯୁବକ ଯୁବତୀ, କାରିଗର ଓ ଛୋଟ ବ୍ୟବସାୟୀଙ୍କ ଆତ୍ମନିର୍ଭରତାକୁ ବଳ ଦେବା ସହ ସ୍ଥାନୀୟ ଉତ୍ପାଦନ, ସେବା ଓ କୃଷି ସହଯୋଗୀ ବ୍ୟବସାୟରେ ନୂଆ ଉଦ୍ୟୋଗ ସୃଷ୍ଟି କରିବ । ଏଥିସହ ଗ୍ରାମାଂଚଳରେ ଲୋଜଗାରର ସୁଯୋଗ ମଧ୍ୟ ବଢ଼ିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ନୂଆଦିଲ୍ଲୀର ନଅଁ ବୁଲ୍ ଓ ସାଉଥ ବୁଲ୍‌ରେ ୩, ୨୩୦ କୋଟି ଟଙ୍କା ବ୍ୟୟରେ 'ଯୁଗେ ଯୁଗାନ୍ତ ଲାଗତ ସଂଗ୍ରହାଳୟ' ବିକାଶ ନିଷ୍ପତ୍ତି ଦେଶର ସାଂସ୍କୃତିକ ଆତ୍ମଗୌରବକୁ ସୁଦୃଢ଼ କରିବ । ଐତିହାସିକ ଉତ୍ଖନଗୁଡ଼ିକର ସ୍ଥାପତ୍ୟ ସଂରକ୍ଷଣ ସହ ଲାଉଡର କଳା, ଜ୍ଞାନ ଓ ସଭ୍ୟତାର ଯାତ୍ରା ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପିତ ହେବ । ଓଡ଼ିଶାର ସମୃଦ୍ଧ କଳିଙ୍ଗ ଐତିହ୍ୟ, ସାମୁଦ୍ରିକ ପରମ୍ପରା ଓ ଜନଜାତି ସଂସ୍କୃତିର ପ୍ରତିଫଳନ ପାଇଁ ମଧ୍ୟ ଆମେ ଆଶାବାଦୀ । ଚାଷୀଙ୍କ କ୍ଷେତରୁ ଉଦ୍ୟୋଗୀଙ୍କ କର୍ମକ୍ଷେତ୍ର ଏବଂ ଦେଶର ସାଂସ୍କୃତିକ ପରିମେୟ ପର୍ଯ୍ୟନ୍ତ ଏହି ନିଷ୍ପତ୍ତିଗୁଡ଼ିକ ମୋଦୀ ସରକାରଙ୍କ ସମାଦେଶୀ ବିକାଶ ପ୍ରତିବଦ୍ଧତାର ପ୍ରମାଣ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

ଗୋପପୁର ତଳ ସାହି ଅଙ୍ଗଓ୍ୱାଡ଼ିରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ



ଛତିଆ, ୧୨/୧୧ (ଆ.ପ୍ର) : ବା. ୧୨.୧୧ ଘଣ୍ଟିକ ସୁଦ୍ଧା ବୁଧବାର ଦିନ ନୀଳିଆ ପଂଚାୟତ ଗୋପପୁର ତଳ ସାହି ଅଙ୍ଗଓ୍ୱାଡ଼ି କେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମକୁ ଅଙ୍ଗଓ୍ୱାଡ଼ି କର୍ମୀ ଉଚିକା ସେନାପତି ଓ ଆଶା କର୍ମୀ ଓଲା ନାୟକ ଯୁଗ୍ମ ରୂପେ ପାକନ କରିଥିବା ବେଳେ ଚମ୍ପାପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର କର୍ମୀ ପ୍ରଦୀପ୍ତ କିଶୋର ପ୍ରଧାନ, ସରୋଜିନୀ ସିଂ, ତୃଷା କୁମାରୀ ନାୟକ, ନିଆରିକା ଧନ, ସୁବ୍ରତ କୁମାର ପ୍ରଧାନ, ଛତିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡକ୍ଟର ସ୍ୱାଗତିକା ତରାଇ ଉପସ୍ଥିତ ରହି ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବିତରଣ କରିବା ସହ ଅଧିକ ଗରାଘ ଥିବା ଲୋକ ମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବା ପାଇଁ ପରାମର୍ଶ ଦେଉଛନ୍ତି । ଖରର ସଂଗ୍ରହ ପୁଷା ୬୫ରୁ ୭୦ ଲୋକ ପରୀକ୍ଷା କରିବା ସହ ଡକ୍ଟର ଙ୍କ ପରାମର୍ଶ ନେଇଥିଲେ ।

କିଆନାଳୀକୂଳ କାଳୀ ପୂଜା କମିଟି ତରଫରୁ ବନ୍ୟା ବିପନ୍ନଙ୍କୁ ସହାୟତା



ଯାଜପୁର, ୧୨/୧୧ (ଆ.ପ୍ର) : ଯାଜପୁର ସହରସ୍ଥ କିଆନାଳୀକୂଳ କାଳୀ ପୂଜା କମିଟି ତରଫରୁ ଚଳିତ ବର୍ଷ ବନ୍ୟା ବିପନ୍ନ ଏବଂ ଅନ୍ୟାନ୍ୟ ଅସହାୟ ଲୋକଙ୍କ ପାଇଁ ଏକ ବିଶେଷ ସହାୟତା କାର୍ଯ୍ୟ କରିବାର ଏକ ନିଆରା ପ୍ରୟାସ ଦେଖିବାକୁ ମିଳିଛି । ଏହି କାଳୀପୂଜା ଅବସରରେ କମିଟି ତରଫରୁ ଲୋକଙ୍କୁ ୫ ଟଙ୍କାରେ ଅଢେଇ କିଲୋର ଆଳୁ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ କମିଟିର ସଭାପତି ସନ୍ତୋଷ କୁମାର ନନ୍ଦ, ସମ୍ପାଦକ ସୁଶିଲ କୁମାର ପ୍ରଧାନ ଏବଂ ନାଆାୟଣ ଚନ୍ଦ୍ର ସାମନ୍ତ, ସିଜରୁ ଚେଅଁମାନମାନ ଦିବ୍ୟ ଭୂଷଣ ମହାନ୍ତି, ଦେବବ୍ରତ ମହାନ୍ତି, ବରିଷ୍ଠ ସାମ୍ବାଦିକ ଅରୁଣ ରାଉତରାୟ, ଅଜୟ ରାଉତ, ବିରଜା ପ୍ରସାଦ ପାଣି, ସଚିନ୍ଦ୍ର ରାୟ, ଶୁରେନ୍ଦ୍ର ଚାଟାର୍ଜୀ, ଅକ୍ଷୟ ବିଶ୍ୱାଳଙ୍କ ସମେତ ଅନେକ ଅତିଥି ଉପସ୍ଥିତିରେ ବନ୍ୟା ବିପନ୍ନ ଏବଂ ଅସହାୟ ଲୋକଙ୍କୁ ଧାତି ଜଗି ଅଢେଇ କିଲୋର ଆଳୁ ପ୍ରଦାନ କରାଯାଇଥିଲା । କମିଟିର ସଦସ୍ୟମାନଙ୍କ ସହଯୋଗ ଏବଂ ଏପରି ନିଆରା ପ୍ରୟାସକୁ ସମସ୍ତେ ମୁକ୍ତକଣ୍ଠ ପ୍ରଶଂସା କରିଥିଲେ । ପ୍ରତି ବର୍ଷ ଜାକୀପୂଜାରେ କିଆନାଳୀକୂଳ ପୂଜା କମିଟି ଲୋକମାନଙ୍କୁ ନିଆରା ଢଙ୍ଗରେ ସାହାଯ୍ୟ କରିବା ସହିତ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥାଏ । ଏହିପରି ଆହୁରି ଅନେକ ସେବାମୂଳକ କାର୍ଯ୍ୟ କମିଟି ତରଫରୁ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । କମିଟିର ସଦସ୍ୟ ତରୁଣ ନନ୍ଦ ସମସ୍ତ ଅତିଥିମାନଙ୍କୁ ନିମନ୍ତ୍ରଣ କରିବା ସହିତ ସମସ୍ତଙ୍କୁ ସାଦ୍ଧାନାତ କରି ଏପରି ନିଆରା ପ୍ରୟାସ କାର୍ଯ୍ୟରେ ସମସ୍ତଙ୍କ ସାହାଯ୍ୟ ସହଯୋଗ କାମନା କରିବା ସହିତ କମିଟିର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ ।

ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା



ଦଶପଲ୍ଲା, ୧୨/୧୧ (ଆ.ପ୍ର) : ପିଏମ୍‌ଶ୍ରୀ ଦଶପଲ୍ଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଛାତ୍ରୀମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ, ସୃଜନଶୀଳତା ଓ ଗବେଷଣାମନୋଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ମେଳା ଆୟୋଜିତ ହୋଇଥିଲା । ପ୍ରଧାନ ଶିକ୍ଷକ ଯୁଧିଷ୍ଠିର କର୍ଦ୍ଦଳ ପୌରୋହିତ୍ୟ ରେ ମେଳା ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବଦାନ୍ୟନାଥ ବେରେଜା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ଦଶପଲ୍ଲା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଗାର ଚନ୍ଦ୍ର ସାହୁ, ପିଏମ୍‌ଶ୍ରୀ ମଧ୍ୟଖଣ୍ଡ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମକୃଷ୍ଣ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ କୁମାର ମହାପାତ୍ର ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସନ୍ତୋଷ କୁମାର ମହାନ୍ତି ଯୋଗଦେଇଥିଲେ ।ପରମାନନ୍ଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷୟିତ୍ରୀ କାଂପିଲା ପ୍ରଧାନ, ମନୋରମା ଗୌଡ଼ ଓ ସ୍ୱାତୀମାନେ ମେଳାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏଥିସହିତ ତିନି ଗୋଟି ବିଭାଗ ରେ ୫୫ ଗୋଟି ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା । ଏଥିରୁ ୧୨ ଗୋଟି ପ୍ରକଳ୍ପର ପ୍ରତିଯୋଗୀତାକୁ ପୁରସ୍କୃତ କରାଯାଇଛି ।

କୋକସରା ବ୍ଲକରେ ମାଣ୍ଡିଆ ଚାଷ ନାଁରେ ଦୁର୍ନୀତି ଅଭିଯୋଗ, ଜିଲ୍ଲା ଯୋଜନାବୋର୍ଡ ଅଧ୍ୟକ୍ଷ ଓ ବିଭାଗୀୟ ଅଧିକାରୀଙ୍କ ତଦନ୍ତ



ଧର୍ମଗଡ଼, ୧୨/୧୧ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକରେ ମିଳେଟ ମିଶନ ନାଁରେ ମାଣ୍ଡିଆ ଚାଷରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହେଇଥିବା ଅଭିଯୋଗ ପରେ ଆଜି କ୍ଷେତ୍ରଗସ୍ତର ତଦନ୍ତ କରିଛନ୍ତି ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟନାୟକ ଓ ବିଭାଗୀୟ ଅଧିକାରୀ ।ସୂଚନା ଅନୁଯାୟୀ, କୋକସରା ବ୍ଲକର ବିଭିନ୍ନ ପଂଚାୟତରେ ମିଳେଟ ମିଶନ ପକ୍ଷରୁ ଏକ ସ୍ପେଶାଏଡା ସଂପ୍ରୁକୁ ମାଣ୍ଡିଆ ଚାଷ ପାଇଁ ଚାଷୀଙ୍କୁ ପ୍ରୋତାହିତ କରିବା ସହ ଆବଶ୍ୟକୀୟ ସହାୟତା ଯୋଗାଇଦେବା ଦାୟିତ୍ୱ ଦିଆଯାଇଛି । ତେବେ ଉକ୍ତ ସଂସ୍ଥା ମାଣ୍ଡିଆ ଚାଷ ନାଁରେ ଚାଷୀଙ୍କ ନାମରେ ଜାଲିଆଡି ଓ ଅର୍ଥ ହେରଫେର କରୁଥିବା ନେଇ ଦୀର୍ଘଦିନ ଧରି ଅଭିଯୋଗ ହୋଇଥାଉଥିଲା । ଏହି ଅଭିଯୋଗକୁ ଗୁରୁତ୍ୱ ଦେଇ ଆଜି ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଓ ବିଭାଗୀୟ ଅଧିକାରୀମାନେ ବାଜିଗୋଟ, ଡୋରଣାଘୁଆର ଓ ଧୋବେନପଡ଼ା ଗ୍ରାମରେ ପହଂଚି ମାଣ୍ଡିଆ ଚାଷ ଜମି ପରିଦର୍ଶନ କରିଥିଲେ । ଏଥିସହ ଚାଷମାନଙ୍କୁ ଭେଟି ଚାଷର ସ୍ଥିତି, ମିଳୁଥିବା ସରକାରୀ ସହାୟତା ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ତଦନ୍ତ ସମୟରେ ମାଣ୍ଡିଆ ଚାଷ କାର୍ଯ୍ୟରେ ବିଭିନ୍ନ ଅନିୟମିତତା ସାମ୍ନାକୁ ଆସିଥିବା ଜଣାପଡ଼ିଛି । ଏନେଇ ବିଭାଗୀୟ ଅଧିକାରୀ କୁ ସମସ୍ତ ଚାଷୀଙ୍କ ନାମ, ଚାଷ ହୋଇଥିବା ଜମିର ସମ୍ପୂର୍ଣ୍ଣ ତଥ୍ୟ ଓ ରିପୋର୍ଟ ତୁରନ୍ତ ଦାଖଲ କରିବାକୁ ତାଗିଦ କରିଛନ୍ତି ଶ୍ରୀ ପଟ୍ଟନାୟକ । ଏଥିସହ ଚାଷୀଙ୍କ ନାମରେ ଜାଲିଆଡି ଓ ଅର୍ଥ ହେରଫେର ଅଭିଯୋଗ ସତ୍ୟତା ଯାଂଚ କରି ଦୋଷୀ ବ୍ୟକ୍ତି ଙ୍କୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟନାୟକ ଦୃଢ଼ ଚେତାବନୀ ଦେଇଛନ୍ତି ।

ଦେଶର ଗଣତନ୍ତ୍ର ଓ ସମ୍ବିଧାନକୁ ସୁରକ୍ଷା ଦେବା ଆମର ଦାୟିତ୍ୱ - ଧର୍ମେନ୍ଦ୍ର ପ୍ରଧାନ



ଆଠଗଡ଼, ୧୨/୧୧ (ଆ.ପ୍ର) : ଦେଶର ଗଣତନ୍ତ୍ର, ସମ୍ବିଧାନ ଏବଂ ସାର୍ବଭୌମତ୍ୱକୁ ସୁରକ୍ଷା ଦେବା ପାଇଁ କଂଗ୍ରେସ ଓ 'ଇଣ୍ଡି' ମୋଟର ସମସ୍ତ ଅରାଜକତାବାଦୀ ଷଡ଼ଯନ୍ତ୍ରକୁ ଗଣତାନ୍ତ୍ରିକ ଉପାୟରେ ମୂଳପୋଛ କରାଯିବ ବୋଲି ଗୁରୁଗାର ଆଠଗଡ଼ ଠାରେ ଅନୁଷ୍ଠିତ ବିଜୟ ପରଯାତ୍ରା ପରବର୍ତ୍ତୀ ସାଧାରଣ ସଭାରେ ବୃଦ୍ଧାରୁ ପ୍ରକାଶ କରିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆଠଗଡ଼ରେ "ଲୋକତନ୍ତ୍ର ବଂଚାଓ, ଅରାଜକତା ହଟାଓ" ଅଭିଯାନ ଅନ୍ତର୍ଗତ ପରଯାତ୍ରାକୁ ମିଳିଥିବା ବିପୁଳ ଜନସମର୍ଥନ ଓ ଲୋକଙ୍କ ଅଦମ୍ୟ ଉତ୍ସାହକୁ ପ୍ରଶଂସା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହି ପ୍ରଚଣ୍ଡ ଜନସ୍ରୋତ ପ୍ରମାଣ କରୁଛି ଯେ ଓଡ଼ିଶାର ଜନତା ସର୍ବଦା ଗଣତନ୍ତ୍ର ଓ ସଂବିଧାନ ପକ୍ଷରେ ଠିଆ ହୋଇଛନ୍ତି । କିନ୍ତୁ ନିଜର ନିର୍ଦ୍ଦାତନା ପରାଜୟକୁ ହଜମ କରିନପାରି କଂଗ୍ରେସ ଓ 'ଇଣ୍ଡି' ମୋଟ ପ୍ରତିଥର ଭଳିଏମ୍, ନିର୍ବାଚନ ଆୟୋଗ ଏବଂ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ଉପରେ ଅଯଥା ଦୋଷ ଲଦିବାରେ ବ୍ୟସ୍ତ ଅଛନ୍ତି । କଂଗ୍ରେସ ଓ 'ଇଣ୍ଡି' ମୋଟର ଦୋମୁହାଁ ନୀତିକୁ ଜଡ଼ା ସମାଲୋଚନା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ଗଣତାନ୍ତ୍ରିକ ପ୍ରକ୍ରିୟା ଏବଂ ଜନମତକୁ ସମ୍ମାନ ଦେବା ପରିବର୍ତ୍ତେ, ଏହି ଦଳଗୁଡ଼ିକ ଆଜି ଭୋଟର ତାଲିକା ଶୁଦ୍ଧୀକରଣ ଏବଂ ନିର୍ବାଚନ ଆୟୋଗଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣୁଛନ୍ତି । ପ୍ରକୃତରେ ସେମାନେ ଜନସାଧାରଣଙ୍କ ଅଧିକାର ପାଇଁ ନୁହେଁ, ବରଂ ବେଆଇନ ଅନୁପ୍ରବେଶକାରୀମାନଙ୍କୁ ନିଜର ଭୋଟ୍ ବ୍ୟାଙ୍କ ଭାବେ ବଂଚାଇ ରଖିବା ପାଇଁ ଏହି ଷଡ଼ଯନ୍ତ୍ର କରୁଛନ୍ତି । ଆମ ସୁରକ୍ଷା ବଳକ ବଳିଦାନ ଏବଂ ସେମାନଙ୍କ ପରାକ୍ରମ ଉପରେ ସନ୍ଦେହ ପ୍ରକଟ କରିବା ସେମାନଙ୍କର ସଙ୍କୁଚିତ ଓ ତୁଷ୍ଟୀକରଣ ମାନସିକତାକୁ ପ୍ରଦର୍ଶନ କରାଇଛି । ଦେଶର ଜନସାଧାରଣ ସେମାନଙ୍କର ଏହି ଦିଗ୍ଭ୍ରାନ୍ତିକର ତଥା ଦେଶବିରୋଧୀ ରାଜନୀତିକୁ ସମ୍ପୂର୍ଣ୍ଣ ରାବେ ପ୍ରତ୍ୟାଖ୍ୟାନ କରିସାରିଛନ୍ତି । ସାଧାରଣ ଲୋକଙ୍କ ପ୍ରବଳ ରାଗାରାଗି ସାମ୍ନାରେ ଏମାନେ ଟିକେ ମଧ୍ୟ ଟିକ୍‌ନ୍ତି ପାରିବେ ନାହିଁ ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆଜି ଜଣେ ଜନନାତି ଘରର ଝିଅ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ (ରାଷ୍ଟ୍ରପତି)ରେ ଅଳଂକୃତ ହେବା ଏବଂ ଜଣେ ଗରିବ ପରିବାରର ପୁଅ ଦେଶର ସଫଳ ନେତୃତ୍ୱ ନେତା କଂଗ୍ରେସ ଓ 'ଇଣ୍ଡି' ମୋଟର ନେତାଙ୍କୁ ଆଦୌ ପସନ୍ଦ ଆସୁନାହିଁ । କ୍ଷମତା ହରାଇବାର ଯନ୍ତ୍ରଣାରେ ସେମାନେ ଦେଶରେ ଅସ୍ଥିରତା ଏବଂ ଅରାଜକତା ସୃଷ୍ଟି କରୁଛନ୍ତି । ଶେଷରେ, ଦେଶର ସମ୍ବିଧାନ ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ରକ୍ଷା କରିବା ପାଇଁ ଏକଜୁଟ ହେବାକୁ ଆହ୍ୱାନ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହି ଅରାଜକତାବାଦୀଙ୍କ ସମସ୍ତ କୁତ୍‌କାନ୍ତ୍ରକୁ ଜନସାଧାରଣଙ୍କ ସହଯୋଗରେ ଗଣତାନ୍ତ୍ରିକ ଉପାୟରେ ସମ୍ପୂର୍ଣ୍ଣ ମୂକପୋଛ କରାଯିବ ବୋଲି ସେ କହିଛନ୍ତି ।

କମ୍ରେଡ୍ ବିଦ୍ୟାଧର ପାତ୍ରଙ୍କ ଦ୍ୱାଦଶ ଦିବସ ସ୍ମୃତି ସଭାରେ ଭବ୍ୟ ଶ୍ରଦ୍ଧାଞ୍ଜଳି



ପାରଜାଖୋମୁଣ୍ଡି, ୧୨/୧୧ (ଆ.ପ୍ର) : ଗଜପତି ଜିଲ୍ଲା ଗୋଷ୍ଠାଣି ବ୍ଲକ ଗୁରାଣ୍ଡି ଗ୍ରାମରେ ବର୍ଷୀୟାନ୍ ନେତା ବିଦ୍ୟାଧର ପାତ୍ରଙ୍କ ଦ୍ୱାଦଶ ସ୍ମୃତି ସଭାରେ ଓଡିଶା ଓ ପଡୋଶା ଆନ୍ଧ୍ରପ୍ରଦେଶରୁ ହଜାରରୁ ଅଧିକ ସମର୍ଥକ ଯୋଗଦାନ କରିଥିଲେ । ପ୍ରମୁଖ ନେତାଙ୍କ ମଧ୍ୟରେ ସିପିଆଇ (ଏମ୍‌ଏଲ୍)ର ଜେନା ସୁଭାସ, ସମ୍ପାଦେବୀ ମାଝେଦ୍ରପରିଡା, ଚିତ୍ରପଟ୍ଟି ଗଂଗାଙ୍କ, ପିତାବାସ ସାମଲ, ରାଜନୀ ରାଉତ, ଜମାକାନ୍ତ ପାତ୍ର, ନିକମଣୀ ପାତ୍ର, ଲୋକନାଥ ପାତ୍ର ଓ ପ୍ରତାପ ଜେନା ଉପସ୍ଥିତ ଥିଲେ । ବକ୍ତାମାନେ ଜଣେ ଶ୍ରେଷ୍ଠ କର୍ମୀ ହରାଇଲା ଯାହା ନିଜ ମନ୍ତବ୍ୟରେ କହିଥିଲେ । ଚାଷୀ ମୂଲିଆ ମାନଙ୍କୁ ନିଜର ପରିବାର ଭାବି ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ଅଧିକାର କରୁଥିବା ବୃଶମୁଳକରେ ଲୋକଙ୍କ ବିକାଶ ପ୍ରତିବନ୍ଧକତା ଦୂରୀକରଣ ପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ । ଜଣେ ଆଦର୍ଶବାଦୀ ସଂଗଠକ ଓ ଅଥିନେତିକ ଅଧିକାର ସାଧ୍ୟତ୍ତ ପାଇଁ ନିଜର ଜୀବନର ଶେଷ ପର୍ଯ୍ୟନ୍ତ ଲଢେଇ ଜାରୀ ରଖିଥିଲେ । ପଡୋଶୀ ଆନ୍ଧ୍ରପ୍ରଦେଶ, ଗୁଣ୍ଠୁପୁର, ରାୟଗଡ଼ା ଓ ଭୁବନେଶ୍ୱରରୁ ତାଙ୍କୁ ଭଲପାଉଥିବା ବାଦ୍ଧିତିବିଶେଷ ଉପସ୍ଥିତ ଥିଲେ । ଶେଷରେ ସମସ୍ତଙ୍କୁ ମହାପ୍ରସାଦ ସେବନରେ ଆପ୍ୟାୟିତ କରାଯାଇଥିଲା ।ସ



ସମ୍ବାଦପତ୍ର ଆରମ୍ଭ
SEITHO ARAMBHA

ଶୁକ୍ରବାର, ୧୩ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ପୌରପାଳିକା ବ୍ରାହ୍ମଣ ସମିତିର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ



ବାଲେଶ୍ୱର, ୧୨/୧୧ (ଆ.ପ୍ର) : ବାଲେଶ୍ୱର ପୌରାଞ୍ଚଳ ବ୍ରାହ୍ମଣ ସମିତି ପକ୍ଷରୁ ନିର୍ଜାପୋଖରୀ ଜେନ୍ତୁଡ଼ିସ୍ଥିତ 'ଗୌରାଙ୍ଗସ୍ୱ ଭବନ'ରେ ବାର୍ଷିକ ଉତ୍ସବ ମହାସମାରୋହରେ ସମାପ୍ତ ହୋଇଛି । ସମିତିର ସଭାପତି ଡ. ଗୌରସାଧନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଣ୍ଡିତ ଜଗଜୀବାନ୍ତ ତ୍ରିପାଠୀ ମଙ୍ଗଳାଷ୍ଟକ ପାଠରବି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପଣ୍ଡିତ ଶତ୍ରିପଦ ପଣ୍ଡା ଓ ପଣ୍ଡିତ ପ୍ରଦୀପ ପତି ବେଦପାଠ କରିଥିଲେ । ଉଦ୍‌ଘାଟକ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ବ୍ରାହ୍ମଣମାନେ ପୂର୍ବାଞ୍ଚଳରୁ ଅଧ୍ୟାବଧି ସମାଜକୁ ସଠିକ୍ ମାର୍ଗ ଦର୍ଶନରେ ସହାୟକ ହେଉଥିବାର କହିଥିଲେ । 'ସର୍ବେ ଭବନ୍ତୁ ସୁଖିନଃ' ଦିଁ ବ୍ରାହ୍ମଣମାନଙ୍କ ଆଦର୍ଶ ହେବା ଉଚିତ ବୋଲି ଶ୍ରୀ ଦତ୍ତ ମତ ପ୍ରକାଶ କରିଥିଲେ । ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ଡ. ହରିହର ମେହେର ମୁଖ୍ୟ ଅତିଥିଭାବେ ରାଜ୍ୟବ୍ରାହ୍ମଣ ମହାସଂଘର ସଭାପତି ଡ. ସଦାନନ୍ଦ ଦୀକ୍ଷିତ ପ୍ରମୁଖ ପ୍ରବୀଣ ପ୍ରବ୍ରାଜନ କରିଥିଲେ । ରାଜ୍ୟ ମହାସଂଘର ବରିଷ୍ଠ କର୍ମକର୍ତ୍ତା କୃଷ୍ଣହରି ପଣ୍ଡା, ରମେଶ ଚନ୍ଦ୍ର ମହାପାତ୍ର, ଶାନ୍ତନୁ କୁମାର ମିଶ୍ର, ଗୋପାନାଥ ଜର, ଅକ୍ଷୟ କୁମାର ମିଶ୍ର ଓ ଲୋକନାଥ ଧର ଉପସ୍ଥିତ ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣାଇ ପୌରାଞ୍ଚଳର ବ୍ରାହ୍ମଣମାନଙ୍କର ସାଂଗଠନିକ ଦାୟିତ୍ୱ ଦେଇଥିଲେ । ରାଷ୍ଟ୍ର ପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ ଅତିଥିମାନେ ଶ୍ରୀଶ୍ରୀ ଜଗନ୍ନାଥଙ୍କ ପଟ୍ଟଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ । ଅତିଥିମାନଙ୍କୁ ପୌରପାଳିକା ସମିତି ପକ୍ଷରୁ ଚନ୍ଦ୍ରଶ୍ରୀ ବାନାର୍ଜୀ, ବାଣ୍ଟେହ୍ୱ କୁମାର ଜର ଓ ଗୌର ପ୍ରତାକ ମିଶ୍ର ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ନିତାର ଗୌର ମନ୍ଦିରରେ ନାମ ସଂକୀର୍ତ୍ତନ କରାଯାଇଥିଲା । ପୌରପାଳିକା ବ୍ରାହ୍ମଣ ସମିତିର ସଂପାଦକ ଶାନ୍ତି ସ୍ୱରୂପ ମିଶ୍ର ଧାଂଗଠନିକ ଓ ଆୟବ୍ୟୟର ବିବରଣୀ ପାଠ କରିଥିଲେ । ନୂତନ କର୍ମକର୍ତ୍ତାଙ୍କ ନାମ ପାଠ କରାଯିବା ପରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ଏହି ଅବସରରେ ନୀଳଗିରି ସମିତିର ସଭାପତି ପ୍ରଦୀପ୍ତ କୁମାର ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ ଅତିଥିମାନେ ଶ୍ରୀଶ୍ରୀ ଜଗନ୍ନାଥଙ୍କ ପଟ୍ଟଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ । ଅତିଥିମାନଙ୍କୁ ପୌରପାଳିକା ସମିତି ପକ୍ଷରୁ ଚନ୍ଦ୍ରଶ୍ରୀ ବାନାର୍ଜୀ, ବାଣ୍ଟେହ୍ୱ କୁମାର ଜର ଓ ଗୌର ପ୍ରତାକ ମିଶ୍ର ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ନିତାର ଗୌର ମନ୍ଦିରରେ ନାମ ସଂକୀର୍ତ୍ତନ କରାଯାଇଥିଲା । ପୌରପାଳିକା ବ୍ରାହ୍ମଣ ସମିତିର ସଂପାଦକ ଶାନ୍ତି ସ୍ୱରୂପ ମିଶ୍ର ସାଂଗଠନିକ ଓ ଆୟବ୍ୟୟର ବିବରଣୀ ପାଠ କରିଥିଲେ । ନୂତନ କର୍ମକର୍ତ୍ତାଙ୍କ ନାମ ପାଠ କରାଯିବା ପରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ଏହି ଅବସରରେ ନୀଳଗିରି ସମିତିର ସଭାପତି ଡ. ସଦାନନ୍ଦ ଦୀକ୍ଷିତ ପ୍ରମୁଖ ପ୍ରବୀଣ ପ୍ରବ୍ରାଜନ କରିଥିଲେ । ରାଜ୍ୟ ମହାସଂଘର ବରିଷ୍ଠ କର୍ମକର୍ତ୍ତାଙ୍କ କୃଷ୍ଣହରି ପଣ୍ଡା, ରମେଶ ଚନ୍ଦ୍ର ମହାପାତ୍ର, ଶାନ୍ତନୁ କୁମାର ମିଶ୍ର, ଗୋପାନାଥ ଜର, ଅକ୍ଷୟ କୁମାର ମିଶ୍ର ଓ ଲୋକନାଥ ଧର ଉପସ୍ଥିତ ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣାଇ ପୌରାଞ୍ଚଳର ବ୍ରାହ୍ମଣମାନଙ୍କର ସାଂଗଠନିକ ଦାୟିତ୍ୱ ଦେଇଥିଲେ । ରାଷ୍ଟ୍ର ପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରଦୀପ

ଓଡ଼ିଆ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୩ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



ସମ୍ପାଦକୀୟ...

ମହିଳାଙ୍କ ପାଇଁ ଜରୁରୀ 'ମି ଟାଇମ'

ବଦଳି ଚାଲିଛି ସମୟ । କିନ୍ତୁ ବଦଳି ପାଉଲି ମାନସିକତା । ଆଜିର ମହିଳା କର୍ମଜୀବୀ ଘରେ ଅବା ବାହାରି । ଘର ପରିବାର, କର୍ମକ୍ଷେତ୍ର ସହିତ ବିଭିନ୍ନ ଦାୟିତ୍ୱ ନିଜରେ ବାନ୍ଧି ହୋଇପଡୁଛି ସେ । ନିଜ ପାଇଁ ସମୟ ବାହାର କରିବା ତା ପାଇଁ ସବୁଠାରୁ କଷ୍ଟକର କାମ । ଏହା ଫଳାଫଳ ହେଉଛି ନଜାଣାତୁକ ଭାବନା । କ୍ରମଶଃ ଏହି ଭାବନା ରୂପ ନିଏ ରୋଗ ଓ ଚିଡ଼ଚିଡ଼ାପଣର । ଏହି ପରିସ୍ଥିତିରେ ନିଜର ମାନସିକ ଶାନ୍ତି, ଶକ୍ତି ଓ ଚିନ୍ତାକୁ ମୁକ୍ତ ରଖିବା ପାଇଁ 'ମି ଟାଇମ' ଅର୍ଥାତ ନିଜ ପାଇଁ କିଛି ସମୟ ବାହାର କରିବା ଜରୁରୀ ।

ଜୀବନରେ ଖୁସିର କିଛି ମୁହୂର୍ତ୍ତ ସାଉଁଟିବାକୁ ସମସ୍ତଙ୍କର ଇଚ୍ଛା ରହିଥାଏ । ଦେଶୀଙ୍କି ସେ ପୁରୁଷ ହୁଅନ୍ତୁ ଅବା ମହିଳା । ପୁରୁଷମାନେ ନିଜ ପାଇଁ ସମୟ ବାହାର କରିବା ସହଜ ହୋଇଥାଏ । ସେପରିକି ଅଫିସରେ ଲାମ ପାଇଁ ବାହାରକୁ ଯିବା କିମ୍ବା ସାଙ୍ଗସାଥୀଙ୍କ ଭଲା ଡେରାର ସୁଯୋଗ ମିଳିଯାଇଥାଏ । କିନ୍ତୁ ଘରପରିବାର, ଲାଖିଅର ଓ ଅନ୍ୟାନ୍ୟ ଦାୟିତ୍ୱର ଚାପ ଯୋଗୁଁ ମହିଳାମାନେ ନିଜ ପାଇଁ ସମୟ ବାହାର କରିବା ଆଉଗୋ ସହଜ ନୁହେଁ । ଏବେ ବି ପ୍ରାୟ ମହିଳା ମି ଟାଇମ ଅର୍ଥାତ ନିଜ ପାଇଁ ସମୟ ବାହାର କରିବାର ଗୁରୁତ୍ୱକୁ ବୁଝିପାରି ନାହାନ୍ତି । କିନ୍ତୁ ବିଜ୍ଞାନ ଅନୁସାରେ ଯେଉଁ ମହିଳା ମାନେ ନିଜ ପାଇଁ ମମୟ ବାହାର କରିପାରୁ ନାହାନ୍ତି, ସେମାନଙ୍କ ଠାରେ ମାନସିକ ସମସ୍ୟା ବେଶି ଦେଖାଦେଇଥାଏ । ଏହା ପରବର୍ତ୍ତୀ ସମୟରେ ଶାରୀରିକ ବ୍ୟାଧିରେ ପରିଣତ ହୋଇଥାଏ । ମନସ୍ତତ୍ତ୍ୱବିତଙ୍କ ମତରେ ମହିନାମାନେ ମି ଟାଇମର ମହତ୍ତ୍ୱ ବୁଝିବା ଦରକାର । ଯିଏ ଘରର ସମସ୍ତ ସଦସ୍ୟଙ୍କ କଥା ବୁଝୁଛି, ତାକୁ ନିଜ କଥା ମଧ୍ୟ ବୁଝିବା ଦରକାର । ପରିବାର ସଦସ୍ୟ ମଧ୍ୟ ଏକଥା ବୁଝିବା ଜରୁରୀ ।

ମି ଟାଇମ ନିଜକୁ ବୁଝିବାକୁ ସମୟ ଦେଇଥାଏ । ଜୀବନରେ ଅନେକ ଉଚ୍ଚାନ ପଛଳନ, ବ୍ୟସ୍ତ ଜୀବନଶୈଳୀ ଯୋଗୁ ସେ ସବୁ ବୁଝିବାକୁ ସମୟ ମିନିନଥାଏ ଅଥବା ସେ ଏଡାକୁ ଅଣଦେଖା କରିଥାଏ । ମି ଟାଇମ ଦ୍ୱାରା ନିଜର ଭାବନାତୁକ ଆବଶ୍ୟକତାକୁ ବୁଝିବା ସହଜ ହୋଇଥାଏ । ଏହି ସମୟରେ ନିଜକୁ ବିଶ୍ଳେଷଣ କରିବା ସହ ସ୍ୱପ୍ନ ଦେଖିବାକୁ ସୁଯୋଗ ମିଳିଥାଏ । କିଛି ସମୟ ପାଇଁ ସବୁ ଦାୟିତ୍ୱ ମୁକ୍ତି ମିଳେ । ଏହି ସମୟରେ ନିଜକୁ ନୂଆ ରୂପରେ ଦେଖିବା ପାଇଁ ଇଚ୍ଛା ଜାଗୃତ ହୋଇପାରେ । ନିଜର ଇଚ୍ଛା, ପସନ୍ଦ-ନାପସନ୍ଦ ଆଦି ବିଷୟରେ ଜାଣିବାର ସୁଯୋଗ ଦିଏ ମି ଟାଇମ । ଆଗାମୀ ଦିନ ପାଇଁ ନିଜକୁ ରିଚାର୍ଜ ବା ପ୍ରସ୍ତୁତ ଜରିବାକୁ ସମୟ ମିଳିଥାଏ ।

ପ୍ରତ୍ୟେକ ମହିନାର ପାରିବାରିକ ସ୍ତିତି ଓ ଦାୟିତ୍ୱ ଅଲଗା ଅଲଗା ହୋଇଥାଏ । ତେଣୁ ଆପଣ ନିଜ ଦିନଚର୍ଯ୍ୟାର ସୁବିଧା ଅନୁସାରେ ନିଜ ପାଇଁ ସମୟ ବାହାର କରିପାରିବେ । ଏହି ସମୟ ଅଧାଘଂଟାରୁ ଆରମ୍ଭ କରି ୧ ଘଂଟା ପର୍ଯ୍ୟନ୍ତ ନେଇପାରିବେ । ମହିନାମାନେ ଆବଶ୍ୟକୁ ନିମନ୍ତିତ ମଜି ଟାଇମ ବାହାର କରିବା ଆଦୌ ସହଜ ହୋଇନଥାଏ । ତେଣୁ ପ୍ରଥମେ ସପ୍ତାହକୁ ୩।୪ ଦିନ ଏହି ସମୟ ବାହାର କରିପାରିବେ । ପରେ ଏହାକୁ ଧୀରେ ଧୀରେ ନିୟମିତ କରିପାରିବେ । ପ୍ରାରମ୍ଭିକ ପର୍ଯ୍ୟାୟରେ ପରିବାର ସଦସ୍ୟଙ୍କୁ ଏହା ଅଜବ ଲାଗିପାରେ । କ୍ରମଶଃ ଅଭ୍ୟାସରେ ପଡ଼ିଯିବ । ନିଜ ପସନ୍ଦର କୌଣସି କାମ କରିପାରିବେ ।

ଆମ ପରମ୍ପରାର ଡଙ୍ଗା ଆମ ଅବହେଳାର ନଦୀ

॥ ବିସ୍ମିମୟୀ ନାୟକ ॥

କାର୍ତ୍ତିକ ମାସ ଆସିଲେ ଓଡ଼ିଶାର ପରିବେଶରେ ଏକ ଭିନ୍ନ ଆଧାତ୍ମିକ ଅନୁଭୂତି ସୃଷ୍ଟି ହୁଏ । ସକାଳର ଶୀତୁଆ ପବନ, ମନ୍ଦିରର ଘଂଟଧ୍ୱନି, ତୁଳସୀ ଚଉରାରେ ଜଳୁଥିବା ଦୀପ ଏବଂ ଘରେ ଘରେ ଶୁଭୁଥିବା ହରିନାମ ମଣିଷର ମନକୁ ଏକ ଅଲଗା ଶାନ୍ତିଦିଏ । ଏହି ମାସର ଶେଷ ଦିନ କାର୍ତ୍ତିକ ପୂର୍ଣ୍ଣିମା ଓଡ଼ିଆ ଜାତି ପାଇଁ କେବଳ ଏକ ପର୍ବ ନୁହେଁ ଏହା ହେଉଛି ଆମର ଇତିହାସ, ଐତିହ୍ୟ, ଆସ୍ଥା ଓ ଆତ୍ମପରିଚୟର ଏକ ଅନନ୍ୟ ପ୍ରତୀକ । ଏହି ଦିନ ସୂର୍ଯ୍ୟ ଉଦୟ ପୂର୍ବରୁ ଲୋକମାନେ ନଦୀ, ପୋଖରୀ ଓ ବିଲିନୁ ଜଳାଶୟକୁ ଯାଇ ଡଙ୍ଗା ଭସାନ୍ତି । ଜଳଜା ପଟୁଆ, ଜାଜର ଓ ଅନ୍ୟାନ୍ୟ ସାମଗ୍ରୀରେ ଡିଅରି ଛୋଟ ଛୋଟ ଡଙ୍ଗାରେ ପାନ, ଗୁଆ, ଧୂପ, ଦୀପ ରଖି ଜଳରେ ଭସାଇ ଦିଅନ୍ତି । ସମସ୍ତଙ୍କ ମୁହଁରେ ଏକ ପରିଚିତ ଗୀତ ଶୁଭେ । 'ଆ କା ମା ଦେ, ପାନ ଗୁଆ ଥୋଇ, ପାନ ଗୁଆ ତୋର ମାସକ ଧରମ ମୋର ।'

ତେବେ ଏହି ଛୋଟ ଡଙ୍ଗାଗୁଡ଼ିକ ଆମକୁ ମନେ ପକାଇଦିଏ ଏକ ବିଶାଳ ଅତୀତକୁ । ସେହି ଅତୀତ, ଯେଉଁଠି ଓଡ଼ିଆ ସାଧବମାନେ ବୋଇତ ନେଇ ଦୂରଦେଶକୁ ବାଣିଜ୍ୟ କରିବାକୁ ଯାଉଥିଲେ । ସମୁଦ୍ରର ଉତ୍ତଳ ଢେଉ, ଅଜଣା ଦେଶର ଭାଷା ଓ ବିପଦପୂର୍ଣ୍ଣ ଜଳଯାତ୍ରାକୁ ସାମ୍ନା କରି ସେମାନେ ଓଡ଼ିଶାର ବାଣିଜ୍ୟିକ ପରିଚୟକୁ ଦୂରଦୂରାନ୍ତରେ ପହଂଚାଇଥିଲେ କିନ୍ତୁ ଆଜି ଏହି ଗୌରବମୟ ପରମ୍ପରାକୁ ସ୍ମରଣ କରିବା ସମୟରେ ମନରେ ଗୋଟିଏ ପ୍ରଶ୍ନ ଉଠେ । ଆମେ ଯେଉଁ ଜଳକୁ ସାକ୍ଷୀ ରଖି ଆମର ଐତିହ୍ୟକୁ ସମ୍ମାନ ଦେଉଛୁ ସେହି ଜଳକୁ ସୁରକ୍ଷିତ ରଖିବାରେ ଆମେ କେତେ ସଫଳ ହୋଇଛୁ ! ଆମେ ଡଙ୍ଗା ଭସାଉଛୁ କିନ୍ତୁ ନଦୀକୁ ବଂଚାଇବା ପାଇଁ କ'ଣ କରୁଛୁ ! ଏହି ପ୍ରଶ୍ନ ଆଜିର କାର୍ତ୍ତିକ ପୂର୍ଣ୍ଣିମାର ସବୁଠାରୁ ଗଭୀର ଆତ୍ମସମୀକ୍ଷା । ଓଡ଼ିଶାର ଐତିହାସ ଜଳପଥ ଓ ସାମୁଦ୍ରିକ ବାଣିଜ୍ୟ ସହିତ ଗଭୀର ଭାବରେ ଜଡ଼ିତ । ପ୍ରାଚୀନ କଳିଙ୍ଗର ବାଣିଜ୍ୟିକ ପରିଚୟ ଦେଶ ବିଦେଶରେ ପ୍ରସିଦ୍ଧ ଥିଲା । ଆମର ସାଧବମାନେ ବୋଇତରେ ମୂଲ୍ୟବାନ ସାମଗ୍ରୀ ନେଇ ବିଭିନ୍ନ ଦ୍ୱୀପ ଓ ବନ୍ଦରକୁ ଯାତ୍ରା କରୁଥିଲେ । ଚାଉଳ, ଜାଜା, ସୁନାରୁପା ଆଦି ଅଂଚଳ ସହିତ ଓଡ଼ିଶାର ସାମୁଦ୍ରିକ ସାଂସ୍କୃତିକ ସ୍ମୃତି ଆଜି ମଧ୍ୟ ଆମ ସଂସ୍କୃତିରେ ରହିଛି ।ସେହି ସମୟରେ ନଦୀ ଥିଲା ଜୀବନର ରେଖା । ଜନ ଥିଲା ସମ୍ପଦ । ବୋଇତ ଥିଲା ଜାତିଙ୍କା ଓ ସ୍ୱପ୍ନର ବାହନ । ଜଳପଥକୁ ଆଧାର କରି ମଣିଷ ନିଜର ଜୀବନ ଓ ବାଣିଜ୍ୟକୁ ଆଗକୁ ବଢ଼ାଇଥିଲା ।ଆଜି ଆମେ ସେହି ଇତିହାସକୁ ମନେ ପକାଇବା ପାଇଁ ଛୋଟ ଛୋଟ ଡଙ୍ଗା ଭସାଉଛୁ କିନ୍ତୁ ଯେଉଁ ନଦୀ ଆମର ଐତିହ୍ୟର ଏକ ଅଂଶ, ସେହି ନଦୀରେ ଆଜି ଅନେକ ସ୍ଥାନରେ ଆବର୍ଜନାର ଅସ୍ତରଣ ଦେଖିବାକୁ ମିଳୁଛି ।କେଉଁଠି ନଦୀର ଜଳ କଳା ପଡ଼ିଯାଇଛି, କେଉଁଠି ପ୍ଲାଷ୍ଟିକ ଓ ପଲିଥିନ ଭାସୁଛି, ଆଉ କେଉଁଠି ନର୍ଦ୍ଦମା ପାଣି ନଦୀରେ ମିଶୁଛି । ଯେଉଁ ନଦୀ ଦିନେ ଜୀବନର ସ୍ରୋତ ଥିଲା ତାହା ଆଜି ମଣିଷର ଅବହେଳାର ଶିକାର ହେଇଛି । କାର୍ତ୍ତିକ ପୂର୍ଣ୍ଣିମାରେ ନଦୀକୂଳରେ ଭକ୍ତଙ୍କ ଭିଡ଼ ଲାଗେ । ପ୍ରତ୍ୟେକ ମଣିଷ ନିଜ ଶକ୍ତି ଓ ସାମର୍ଥ୍ୟ ଅନୁସାରେ ପରମ୍ପରା ପାଳନ କରନ୍ତି । କେହି ମାଟିର ଡଙ୍ଗା ଭସାନ୍ତି,କେହି କଦଳୀ ପଟୁଆର ଡଙ୍ଗା ଡିଅରି ଜଉନ୍ତି ଆଉ କେହି ସୁନ୍ଦର ସାଜସଜ୍ଜା କରି ଡଙ୍ଗାକୁ ଆକର୍ଷଣୀୟ କରନ୍ତି କିନ୍ତୁ ଏହି ସାଜସଜ୍ଜା ଭିତରେ ପ୍ଲାଷ୍ଟିକର ବ୍ୟବହାର ବଢ଼ିଚା ଏକ ଚିନ୍ତାର ବିଷୟ । ଡଙ୍ଗା ସହିତ ପଇସିନ, ପ୍ଲାଷ୍ଟିକ ଫୁଲ, ଅର୍ମୋକାଲ ଓ ଅନ୍ୟାନ୍ୟ ଅପଚନଶୀଳ ସାମଗ୍ରୀ ଜଳରେ ପହୁଞ୍ଚି । ଏହାର ପରିଣାମ ନଦୀ ଓ ଜଳଚାବକୁ ରୋଗିବାକୁ ପହୁଞ୍ଚି !ଆମେ ଜଗତାନଙ୍କ ନାମ ଜଳ ଦବାକୁ ପବିତ୍ର ମନେ କରୁଛୁ କିନ୍ତୁ ନିଜ ଘାଡରେ ସେହି ନଦୀକୁ ଅପରିଷ୍କାର କରୁଛୁ । ତେବେ ଏଠାରେ ପ୍ରଶ୍ନ ହେଉଛି ଆମର ଭକ୍ତି କ'ଣ କେବଳ ପୂଜା ଓ ପରମ୍ପରା ପାଳନରେ ସୀମିତ ? ପ୍ରକୃତିକୁ ସୁରକ୍ଷା ଦେବା ମଧ୍ୟ କ'ଣ ଆମର ଧାର୍ମିକ ଓ ସାମାଜିକ ଦାୟିତ୍ୱ ନୁହେଁ । ଯଦି ନଦୀକୁ ମାଆ ବୋଲି ସମ୍ମାନ ଦେଉଛୁ ତେବେ ମାଆର ପୋଲାକୁ ଅଜିଆରେ ଗରିଦେବା କେଉଁ ପ୍ରକାରର ସମ୍ମାନ ।

ହୁଏତ ପ୍ଲାଷ୍ଟିକ ଆଜି ମଣିଷର ଦୈନନ୍ଦିନ ଜୀବନର ଏକ ଅଂଶ ହୋଇଯାଇଛି । ବଜାରରୁ କିଣିଷ କିଣିବାଠାରୁ ଆରମ୍ଭ କରି ଖାଦ୍ୟ ସାମଗ୍ରୀ ରଖିବା ପର୍ଯ୍ୟନ୍ତ ସବୁଠି ପ୍ଲାଷ୍ଟିକର ବ୍ୟବହାର ଦେଖିଛି । ସୁବିଧା ଦୃଷ୍ଟିରୁ ଏହା ଆମକୁ ସହଜ ଲାଗୁଛି କିନ୍ତୁ ଏହାର ଦୀର୍ଘକାଳୀନ ପରିଣାମ ଭୟଙ୍କର ।ପ୍ଲାଷ୍ଟିକ ସହଜରେ ମାଟି କିମ୍ବା ପାଣିରେ ମିଶି ନଷ୍ଟ ହୁଏ ନାହିଁ । ଏହା ଦୀର୍ଘ ସମୟ ଧରି ପରିବେଶରେ ରହିଥାଏ । ନଦୀରେ ପଡ଼ିଥିବା ପ୍ଲାଷ୍ଟିକ ମାଛ ଓ ଅନ୍ୟ ଜଳଜୀବଙ୍କ ପାଇଁ ବିପଦ ସୃଷ୍ଟି କରେ । ଛୋଟ ଛୋଟ ପ୍ଲାଷ୍ଟିକ ଖଣ୍ଡ ଜଳରେ ମିଶି ମାଇକ୍ରୋପ୍ଲାଷ୍ଟିକ ସୃଷ୍ଟି କରେ । ଏହା ଖାଦ୍ୟଶୃଙ୍ଖଳାରେ ପ୍ରବେଶ କରି ଶେଷରେ ମଣିଷ ପାଖରେ ମଧ୍ୟ ଫେରିଆସେ ।

ନଦୀରେ ପ୍ଲାଷ୍ଟିକ ଜମା ହେବା ଦ୍ୱାରା ଜଳର ସ୍ୱାଭାବିକ ପ୍ରବାହ ମଧ୍ୟ ପ୍ରଭାବିତ ହୋଇପାରେ । ନାଳ ଓ ଜନପଥ ଅବରୋଧ ହେବାରୁ ଜଳ ନିଷ୍କାସନ ସମସ୍ୟା ଦେଖାଦିଏ ।ଆମେ ଯେଉଁ ପ୍ଲାଷ୍ଟିକ ବ୍ୟାଗ୍ ?କୁ କିଛି ମିନିଟ୍ ପାଇଁ ବ୍ୟବହାର କରି ଫିଙ୍ଗି ଦେଉଛୁ ତାହା ପରିବେଶରେ ବହୁ ବର୍ଷ ଧରି ସମସ୍ୟା ସୃଷ୍ଟି କରିପାରେ । ଆମର କିଛି ମିନିଟ୍‌ର ସୁବିଧା ପାଇଁ ପ୍ରକୃତିକୁ ଦୀର୍ଘକାଳୀନ କ୍ଷତି ସହିବାକୁ ପଡୁଛି ।

ତେବେ ନଦୀର ମୃତ୍ୟୁ କେବଳ ଏକ ଜଳସ୍ରୋତର ମୃତ୍ୟୁ ନୁହେଁ । ଏହା ସହିତ ଜଡ଼ିତ ଅନେକ ଜୀବଙ୍କ ଓ ଜୀବିକାର ମୃତ୍ୟୁ ।ଏକ ମତ୍ସ୍ୟଜୀବୀ ପରିବାରର ଜୀବନ ନଦୀର ମାଛ ଉପରେ ନିର୍ଭର କରେ । ଜଣେ ଚାଷୀର ଫସଲ ପାଇଁ ନଦୀର ଜଳ ଆବଶ୍ୟକ । ନଦୀକୂଳରେ ବସବାସ କରୁଥିବା ଅନେକ ଲୋକଙ୍କ ଜୀବନ ଏହି ଜଳସମ୍ପଦ ସହିତ ଜଡ଼ିତ ।ନଦୀ ପ୍ରଦୂଷିତ ହେଲେ ମାଛ ମରନ୍ତି, ଜଳଜ ଉଦ୍ଭିଦ ପ୍ରଭାବିତ ହୁଅନ୍ତି ଓ ଜଳର ଗୁଣବତ୍ତା ନଷ୍ଟ ହୁଏ । ଏହାର ପ୍ରଭାବ ମଣିଷର ସ୍ୱାସ୍ଥ୍ୟ ଓ ଅର୍ଥନୀତି ଉପରେ ମଧ୍ୟ ପଡ଼େ ।ଆମେ ଉତ୍ସବ ପାଳନ କରିବା ପାଇଁ ଜଳାଶୟ ଜଳାଶୟ ଟଙ୍କା ଖର୍ଚ୍ଚ କରୁଛୁ କିନ୍ତୁ ନଦୀକୁ ସଫା ରଖିବା ପାଇଁ ଆମର ଆଗ୍ରହ କେତେ । ନଦୀକୂଳରେ ଆଲୋକ ସଜ୍ଜା ହେଉଛି, ମଂଚ ତିଆରି ହେଉଛି, ମେଳା ଲାଗୁଛି କିନ୍ତୁ ଉତ୍ସବ ଶେଷ ହେବା ପରେ ସେଠାରେ ରହିଯାଉଥିବା ଆବର୍ଜନା କିଏ ସଫା କରିବ ।ଏହି ପ୍ରଶ୍ନର ଉତ୍ତର କେବଳ ପ୍ରଶାସନକୁ ଦେବାକୁ ହେବ ନାହିଁ । ଆମକୁ ମଧ୍ୟ ନିଜ ଆଚରଣର ହିସାବ ଦେବାକୁ ପଡ଼ିବ ।ପର୍ଯ୍ୟବେକ୍ଷଣୀ ମଣିଷର ଜୀବନରେ ଆନନ୍ଦ ଓ ଏକତା ଆଣେ କିନ୍ତୁ ଉତ୍ସବର ଆନନ୍ଦ ପରିବେଶ ପାଇଁ ବିପଦ ହେବା ଉଚିତ ନୁହେଁ । ଆମେ ଆମର ପରମ୍ପରାକୁ ରକ୍ଷା କରିବା ସହିତ ପରିବେଶକୁ ମଧ୍ୟ ସୁରକ୍ଷିତ ରଖିପାରିବା ।ଏଥିପାଇଁ କିଛି ପରିବର୍ତ୍ତନ ଆବଶ୍ୟକ ।ପ୍ରଥମେ ଡଙ୍ଗା ତିଆରିରେ ପ୍ଲାଷ୍ଟିକ ଓ ଅର୍ମୋକାଲ ପରିବର୍ତ୍ତେ କଦଳୀ ପଟୁଆ, ମାଟି, ଜାଜର ଓ ପ୍ରାକୃତିକ ସାମଗ୍ରୀକୁ ଗୁରୁତ୍ୱ ଦେବା ଉଚିତ । ଦ୍ୱିତୀୟତଃ ନଦୀରେ ପୂଜା ସାମଗ୍ରୀ ଓ ଆବର୍ଜନା ନପକାଇବା ପାଇଁ ସଚେତନତା ସୃଷ୍ଟି କରିବା ଦରକାର । ତୃତୀୟତଃ ନଦୀକୂଳରେ ଯଥେଷ୍ଟ ଡଷ୍ଟବିନ୍, ଓ ଚଳଂପଥ୍ଟ ସଂଗ୍ରହ ବ୍ୟବସ୍ଥା ରହିବା ଆବଶ୍ୟକ । ସ୍ୱେଚ୍ଛାସେବୀ ସଂସ୍ଥା ଓ କଲେଜର ଛାତ୍ରଛାତ୍ରୀଙ୍କୁ ନେଇ ନଦୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ହୋଇପାରିବ । ସାମାଜିକ ସଂଗଠନ, ଯୁବକ ସଂଘ ଓ ସ୍ୱେଚ୍ଛାସେବୀମାନେ ମଧ୍ୟ ଏହି କାର୍ଯ୍ୟରେ ସାମିଲ ହୋଇପାରିବେ ।ସବୁଠାରୁ ବଡ଼ କଥା ହେଉଛି ନଦୀକୁ ସଫା କରିବା ପାଇଁ କେବଳ ବର୍ଷକୁ ଗୋଟିଏ ଦିନର ଅଭିଯାନ ଯଥେଷ୍ଟ ନୁହେଁ । ଏହା ଆମର ଦୈନନ୍ଦିନ ଅଭ୍ୟାସ ହେବା ଦରକାର ।

ଆଜିର ଶିଶୁମାନେ ଆସନ୍ତାକାଲିର ସମାଜ ଗଢ଼ିବେ । ଆମେ ସେମାନଙ୍କୁ କାର୍ତ୍ତିକ ପୂର୍ଣ୍ଣିମାର ମହତ୍ୱ ବୁଝାଉଛୁ, ଭୋଇଉର ଜାହାଣୀ ଛନ୍ତୁନ୍ତୁ, ସାଧବମାନଙ୍କ ସାହସ ଓ ବାଣିଜ୍ୟିକ ପରମ୍ପରାର ପରିଚୟ ଦେଉଛୁ କିନ୍ତୁ ସେମାନଙ୍କୁ ଏକ ପରିଷ୍କାର ନଦୀ ଦେବାର ଦାୟିତ୍ୱ ମଧ୍ୟ ଆମର ।ଛୁଟନା ଜରୁରୁ ଆଗାମୀ ଦଶ ବିମା ଲୋଡ଼ିବ୍ୟ ବର୍ଷ ପରେ ଆମର ପିଲାମାନେ ଯେତେବେଳେ କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇବାକୁ ଯିବେ ସେତେବେଳେ ଯଦି ନଦୀରେ ପାଣି ବଦଳରେ ଆବର୍ଜନା ଦେଖିବେ ତେବେ ସେମାନଙ୍କୁ ଆମେ କ'ଣ ଉତର ଦେବା ।ଜାହିବା କି ଆମେ ତୁମକୁ ଏକ ଗୌରବମୟ ଇତିହାସ ଦେଇଛୁ କିନ୍ତୁ ସେହି ଇତିହାସକୁ ବଂଚାଇ ରଖିବା ପାଇଁ ନଦୀକୁ ବଂଚାଇ ପାରିନୁ ନାହିଁ ।ଏହା ଏକ ଅତ୍ୟନ୍ତ ଦୁଃଖଦ ପରିସ୍ଥିତି ହେବ ।ଐତିହ୍ୟ ହେବକ ପୁରୁଣା ଜାହାଣୀ, ମନ୍ଦିର, ସ୍ମାରକୀ କିମ୍ବା ପର୍ଯ୍ୟଟାଣରେ ସୀମିତ ନୁହେଁ । ଆମର ନଦୀ, ପାହାଡ़, ଜଙ୍ଗଲ, ଜଳାଶୟ ଓ ପ୍ରାକୃତିକ ସମ୍ପଦ ମଧ୍ୟ ଆମର ଐତିହ୍ୟ । ଏଗୁଡ଼ିକୁ ସୁରକ୍ଷା ଦେବା ହିଁ ପ୍ରକୃତ ସଂସ୍କୃତିର ପରିଚୟ ।ତେବେ କାର୍ତ୍ତିକ ପୂର୍ଣ୍ଣିମା ଆମକୁ ଅତୀତ ସହିତ ଯୋଡ଼େ । କିନ୍ତୁ ଏହି ପର୍ବକୁ କେବଳ ଅତୀତର ସ୍ମୃତିରେ ସୀମିତ ରଖିବା ଉଚିତ ନୁହେଁ । ଏହାକୁ ବର୍ତ୍ତମାନର ଦାୟିତ୍ୱ ଓ ଭବିଷ୍ୟତର ସଂକଳ୍ପ ସହିତ ଯୋଡ଼ିବା ଆବଶ୍ୟକ ।ସାଧବମାନେ ଯେଉଁ ଜଳପଥ ଦେଇ ବାଣିଜ୍ୟ କରୁଥିଲେ ସେହି ଜଳପଥର ସ୍ମୃତିକୁ ଆମେ ଆଜି ଡଙ୍ଗା ଭସାଇ ମନେ ପକାଇଛୁ କିନ୍ତୁ ସେମାନଙ୍କ ସମୟର ଜଳସମ୍ପଦକୁ ଆମେ ଆଜିର ପିଢ଼ି ପାଇଁ ସୁରକ୍ଷିତ ରଖିପାରୁଛୁ କି ।

ଆମେ ଯଦି ପ୍ରକୃତରେ ଏହି ପର୍ବକୁ ଉତ୍ସପାଉଛୁ ତେବେ ନଦୀକୁ ଉତ୍ସପାଇବା ଶିଖିବାକୁ ହେବ । ନଦୀକୁ ପୂଜା କରିବା ସହିତ ତାହାର ସୁରକ୍ଷା ପାଇଁ ଆଗେଇ ଆସିବାକୁ ହେବ । ଡଙ୍ଗା ଭସାଇବା ସହିତ ନିଜ ମନରେ ପରିବେଶ ସୁରକ୍ଷାର ଏକ ସଂକଳ୍ପ ମଧ୍ୟ ଭସାଇବାକୁ ହେବ ।କାର୍ତ୍ତିକ ପୂର୍ଣ୍ଣିମାର ଡଙ୍ଗା ଯେବକ ଜାତିର ଅତୀତ ଗୌରବର ପ୍ରତୀକ । ସେହି ଡଙ୍ଗା ଆମକୁ ଅତୀତର କଥା କହେ କିନ୍ତୁ ନଦୀର ଆଜିର ଅବସ୍ଥା ଆମକୁ ଭବିଷ୍ୟତର ଚେତାବନୀ ଦିଏ ।ପର୍ବ ଆସିବ ପର୍ବ ଯିବ । ଡଙ୍ଗା ଭାସିବ, ଦୀପ ଜଳିବ, ଉତ୍ସବ ହେବ କିନ୍ତୁ ନଦୀ ଯଦି ଧୀରେ ଧୀରେ ମରିଯାଏ ତେବେ ଆମର ଉତ୍ସବର ଅର୍ଥ କ'ଣ ରହିବ । ଆମର ଆଗାମୀ ପିଢ଼ି ଯଦି ନଦୀକୁ କେବଳ ପୁସ୍ତକର ଚିତ୍ରରେ ଦେଖିବ ତେବେ ତାହାଠାରୁ ବଡ଼ ସାଂସ୍କୃତିକ ବିପର୍ଯ୍ୟୟ ଆଉ କ'ଣ ହୋଇପାରେ ।ଆଜି ଆମକୁ ନିଂଶ୍ୱତି ନେଇକୁ ହେବ । ଆମେ କେବେ ପରମ୍ପରାର ବାହକ ହୋଇ ରହିବା ନା ପ୍ରକୃତିର ରକ୍ଷକ ମଧ୍ୟ ହେବା ।ଏଥର କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇବା ବେଳେ ନିଜକୁ ଗୋଟିଏ ପ୍ରଶ୍ନ ପଚାରିବା ମୁଁ ଯେଉଁ ନଦୀରେ ଡଙ୍ଗା ଭସାଉଛି ସେହି ନଦୀକୁ ସଫା ରଖିବା ପାଇଁ ମୋର ଅବଦାନ କ'ଣ ।ଜାଣତ ନଜାଣତ କରିବା ଦ୍ୱାରା ନଦୀକୁ ବଂଚାବାରେ ପାଇଁ କେବଳ ରାଖଣ ହୁଏନି ଆବଶ୍ୟକ ଆଚରଣର ପରିବର୍ତ୍ତନ । କେବଳ ସରକାରୀ ଯୋଜନା ନୁହେଁ ଆବଶ୍ୟକ ଜନସହଯୋଗ । କେବଳ ଗୋଟିଏ ଦିନର ସଫେର ନୁହେଁ ଆବଶ୍ୟକ ବର୍ଷସାରା ସଚେତନତା ।ତେବେ ଡଙ୍ଗା ଭାସିବା ଆମ ପରମ୍ପରା ନଦୀ ବଂଚାଇବା ଆମ କର୍ତବ୍ୟ ।ଆମେ ଆଚାର ଆଚରଣ ଦ୍ୱାରା ଏହାକୁ ପ୍ରମାଣ କରିବା ଉଚିତ । ଆମର ଦୈନନ୍ଦିନ ଅଭ୍ୟାସ ହେବା ଦରକାର ।

ଯୁବ ସାମ୍ବାଦିକା, ବିସ୍ମିମୟୀ ନାୟକ
ଅଖାରୁଆ, ଭୁବନେଶ୍ୱର, ମୋ : ୯୦୯୦୬୬୧୫୮୬

କାର୍ତ୍ତିକ ଓ ଶ୍ରୀକ୍ଷେତ୍ରରେ ଯମ ଦ୍ୱିତୀୟା

॥ କବୀର କୁମାର ଜେନା ॥

ବର୍ଷକ ଚାର ମାସ ଭିତରେ ପୁଣ୍ୟ ମାସ ହେଉଛି କାର୍ତ୍ତିକ । ହିନ୍ଦୁ ଧର୍ମରେ ପରମ୍ପରାର ଆବହମାନ ସମୟରୁ ବିଶ୍ୱାସ ରହିଛି ଚତୁର୍ମାସ୍ୟାର ଶେଷ ପର୍ଯ୍ୟାୟ ହେଉଛି କାର୍ତ୍ତିକ ମାସ । ଏହି କାର୍ତ୍ତିକ ମାସର ଦେବ□ାନ ଏକାଦଶୀରେ ଭଗବାନ ବିଷ୍ଣୁ ତାଙ୍କି ମାସର ଯୋଗନିଦ୍ରା ତ୍ୟାଗ କରି ଜାଗ୍ରତ ହୋଇଥାନ୍ତି । ତେଣୁ କାର୍ତ୍ତିକ ଏକ ଦେବ ମାସ । 'ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି 'ମାସାନାଂ କାର୍ତ୍ତିକଃ ଶ୍ରେଷ୍ଠୋ । ଦେବାନାଂ ମଧୁସୂଦନଃ, ତୀର୍ଥଂ ନାରାୟଣାଖ୍ୟଂ ହି ତ୍ରି ଦୁ ସଂ ଦୁର୍ଲଭଂ କଳୌ ।' ମହାପ୍ରଭୁଙ୍କ ପୁଣ୍ୟ ପାବନ କ୍ଷେତ୍ର ଶ୍ରୀକ୍ଷେତ୍ରରେ କାର୍ତ୍ତିକ ମାସଟି ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ଭିତରେ ଶ୍ରଦ୍ଧାଳୁମାନେ ଅତିବାହିତ କରିଥାନ୍ତି । କାର୍ତ୍ତିକ ମାସରେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତିଟି ହେଉଛି ଶୁକ୍ଳ ଦ୍ୱିତୀୟା ତା ଭାଇ ଦ୍ୱିତୀୟା, ଯମ ଦ୍ୱିତୀୟା । ବିଶ୍ୱାସ ରହିଛି ପୁରାଣ ଗୌରବାଦ୍ୱାତ୍ ସାହିତ୍ୟିତ ଶ୍ରୀ ଯମେଶ୍ୱରଙ



ସେ ସେ ତନ ଆରମ୍ଭ

SEITHO ARAMBHA



ଶୁକ୍ରବାର, ୧୩ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୫

ବିଏସ୍‌ଏଫ୍‌ର ହୀରକ ଜୟନ୍ତୀ ଅବସରରେ ଜିଲ୍ଲାସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

ଦାଲିଗୁଡ଼ା, ୧୨/୧୧ (ଆ.ପ୍ର) : ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବର ବିକାଶ, ଶୃଙ୍ଖଳା, ଏକତା ଓ ଲାଇଗତାର ପ୍ରସାର ସହ ଲୁକ୍କାୟିତ କ୍ରୀଡ଼ା ପ୍ରତିଭାକୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ପକ୍ଷରୁ ଦାଲିଗୁଡ଼ାରେ ଆୟୋଜିତ ଜିଲ୍ଲାସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଂଟ ଉଦ୍‌ଘାଟନ ଓ ଉଦ୍ଯାପନୀର ସହ ଉଦ୍‌ଘାଟିତ ହୋଇଛି । ଦାଲିଗୁଡ଼ାସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍ ପରିସରରେ ଆୟୋଜିତ ଏହି କ୍ରୀଡ଼ା ମହୋତ୍ସବରେ କକ୍ଷମାଳ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଖେଳାନି ଓ କ୍ରୀଡ଼ାପ୍ରେମୀଙ୍କ ସମାଗମ ହୋଇଛି । ବିଏସ୍‌ଏଫ୍ ତରଫରୁ ୨୦୨୬ ବର୍ଷକୁ ହୀରକ ଜୟନ୍ତୀ ବର୍ଷ ଭାବେ ପାଳନ କରୁଥିବା ଅବସରରେ ଏହି ସ୍ୱତନ୍ତ୍ର କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ନୂଆଦିଲ୍ଲୀସ୍ଥିତ ବିଏସ୍‌ଏଫ୍ ମୁଖ୍ୟାଳୟ ଓ ଭାରତୀୟ କ୍ରୀଡ଼ା ପ୍ରାଧିକରଣର ମିଳିତ ଉଦ୍ୟମରେ 'ଗଣ୍ଠରେ ଶାନ୍ତି ଓ ବିକାଶ ପାଇଁ କ୍ରୀଡ଼ା' ଅଭିଯାନ ଅଧୀନରେ ଯୁବପିଢ଼ିଙ୍କୁ ସୁସ୍ଥ, ସକାରାତ୍ମକ ଓ ଗଠନମୂଳକ କାର୍ଯ୍ୟକଳାପରେ ସାମିଲ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମ ଆୟୋଜନର ଦାୟିତ୍ୱ କକ୍ଷମାଳ ଜିଲ୍ଲାର ଦାଲିଗୁଡ଼ାସ୍ଥିତ ୧୩୬ ବାଟାଲିୟନ୍ ବିଏସ୍‌ଏଫ୍‌ର ପ୍ରଧାନ କକ୍ଷମାଳର ସହଯୋଗରେ ପୁରୁଷ ଓ ମହିଳା ଉଭୟଙ୍କ ପାଇଁ ଭଲିବଲ୍ ଟୁର୍ଣ୍ଣାମେଂଟ ସହ ୧୯ ବର୍ଷରୁ କମ୍ ବୟସ ବର୍ଗର ଜୁନିୟର ଭଲିବଲ୍ ଟୁର୍ଣ୍ଣାମେଂଟ ଆୟୋଜନ କରାଯାଇଛି । ଜିଲ୍ଲାର ୧୨ଟି ବ୍ଲକ୍‌ରୁ ମୋଟ ୨୪ଟି ଦଳ ଏଥିରେ ଅଂଶଗ୍ରହଣ କରୁଥିବାରୁ ପ୍ରତିଯୋଗିତାକୁ ନେଇ ଖେଳାଳିଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦାଲିଗୁଡ଼ା ବିଧାୟକ ଚନ୍ଦ୍ରମଣି କନ୍ଦିର ଯୋଗଦେଇ ବାଟ ପ୍ରଜ୍ୱଳନ କରି ଟୁର୍ଣ୍ଣାମେଂଟର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ଦାଲିଗୁଡ଼ା ଉପଜିଲ୍ଲାପାଳ ପ୍ରତିଭା ଦାଶ, ୧୩୬ ବାଟାଲିୟନ୍ ବିଏସ୍‌ଏଫ୍‌ର କମାଣ୍ଡାଣ୍ଟ ମାନସ ରଞ୍ଜନ ପଣ୍ଡା, ଦ୍ୱିତୀୟ କମାଣ୍ଡାଣ୍ଟ ସତପାଲ ସିଂ, ଡେପୁଟି କମାଣ୍ଡାଣ୍ଟ ଜେକେ ଦାଶ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନିର୍ମଳ ଚନ୍ଦ୍ର ଦାସ ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ତଥା ମେଡିକାଲ ଅଫିସର ବାଲ କଇଁ କୁମାର ଉପସ୍ଥିତ ଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ଆଇଟିବିଏପ ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା ଯୋଗଦେଇଥିବା ବେଳେ ଅନ୍ୟ ଅତିଥି ମଧ୍ୟରେ ଆଦିବାସୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଭୂତି ଭୂଷଣ ଆଚାର୍ଯ୍ୟ, ଦାଲିଗୁଡ଼ା ଉପଜିଲ୍ଲାପାଳ ପ୍ରତିଭା ଦାଶ, ୧୩୬ ବାଟାଲିୟନ୍ ବିଏସ୍‌ଏଫ୍‌ର କମାଣ୍ଡାଣ୍ଟ ମାନସ ରଞ୍ଜନ ପଣ୍ଡା, ଦ୍ୱିତୀୟ କମାଣ୍ଡାଣ୍ଟ ସତପାଲ ସିଂ, କୁମାର ବେହେରା ଓ ରୁଦ୍ର ପ୍ରସନ୍ନ ନାଥ ଉପସ୍ଥିତ ରହିଥିଲେ । ଅତିଥି ମାନେ ନିଜ ବକ୍ତବ୍ୟରେ କ୍ରୀଡ଼ା ଚେତନ ଶାରୀରିକ ସୁସ୍ଥତାର ମାଧ୍ୟମ ହୋଇଥିବା ସହ ଏହା ଯୁବସମାଜ ମଧ୍ୟରେ ଶୃଙ୍ଖଳା, ନେତୃତ୍ୱ, ଦଳଗତ ମନୋଭାବ ଓ ପାରସ୍ପରିକ ସହଯୋଗର ଭାବନା ସୃଷ୍ଟି କରିବାର ଏକ ଶକ୍ତିଶାଳୀ ମାଧ୍ୟମ ବୋଲି ମତପ୍ରକାଶ କରିଥିଲେ । ବିଶେଷକରି ଆଦିବାସୀ ଅଧ୍ୟୁଷିତ ଦକ୍ଷମାଳ ଜିଲ୍ଲାର ଗ୍ରାମାଂଚଳରେ ରହିଥିବା ଯୁବ କ୍ରୀଡ଼ା ପ୍ରତିଭାକୁ ଉପଯୁକ୍ତ ମଂଚ ଯୋଗାଇଦେବାରେ ଏଭଳି ପ୍ରତିଯୋଗିତା ସହାୟକ ହେବ ବୋଲି ଆଶା ପ୍ରକାଶ କରାଯାଇଛି । କାର୍ଯ୍ୟକ୍ରମରେ ଉପସ୍ଥଖ କ୍ରୀଡ଼ା ସଂସଦର ସଭାପତି ସୁଶାଉ କୁମାର ଦାଶ ଓ ଉପାଧ୍ୟକ୍ଷ ପୁଷ୍ପିତା ଦାସ ଯୋଗଦେଇ ଏହି ଟୁର୍ଣ୍ଣାମେଂଟର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ ।

ଶିଶୁ ଶ୍ରମିକ ରୋକିବାକୁ ଶ୍ରମ ବିଭାଗର ତତ୍ପରତା

ସହରର ବିଭିନ୍ନ ଦୋକାନରେ ଯାଂଚ ସହ ସଚେତନତା କାର୍ଯ୍ୟକ୍ରମ



ଜି.ଉଦୟଗିରି, ୧୨/୧୧ (ଆ.ପ୍ର) : ଶିଶୁ ଶ୍ରମିକ ନିୟୋଜନ ପ୍ରଥାକୁ ରୋକିବା ଏବଂ ଏନେଇ ବ୍ୟବସାୟୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ସହରର ବିଭିନ୍ନ ଦୋକାନରେ ଶ୍ରମ ବିଭାଗ ଓ ଶିଶୁ ସୁରକ୍ଷା ବିଭାଗ ତରଫରୁ ଯାଂଚ ସହ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ବୁଧବାର ଫୁଲବାଣୀ ସବଡ଼ାଗୀ ଶ୍ରମ ଅଧିକାରୀ ପ୍ରମୋଦ ଦେହୁରୀ ଓ ପ୍ରଦୀପ ନାୟକଙ୍କ ସମେତ ଚାଇଲ୍ଡ ହେଲ୍ପଲାଇନର କେସ୍ ୱାର୍କର ଜରୁଣ ବେହେରା ଏବଂ ଏନବିରୁଆନ ଭାଇଜିଙ୍କ ମିଳିତ ଉଦ୍ୟମରେ ଏହି ଅଭିଯାନ କରାଯାଇଥିଲା । ସ୍ଥାନୀୟ ପୋଲିସ ବିରାଗ ସହଯୋଗରେ ଅଧିକାରୀମାନେ ସହରର ବିଭିନ୍ନ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନକୁ ଯାଇ ଯାଂଚ କରିବା ସହ ଦୋକାନୀ ଏବଂ ସେଠାରେ କାର୍ଯ୍ୟରତ ଶିଶୁ ଶ୍ରମିକ ମାନଙ୍କୁ ଶିଶୁ ଶ୍ରମିକ ନିୟୋଜନର କୁପରିଣାମ ସମ୍ପର୍କରେ ବୁଝାଇଥିଲେ । ଯାଂଚ ସମୟରେ ଦୋକାନରେ କାର୍ଯ୍ୟରତ ଶ୍ରମିକମାନଙ୍କର ଆଧାର କାର୍ଡ ଯାଂଚ କରାଯାଇ ସେମାନଙ୍କ ବୟସ ଓ ପରିଚୟ ସମ୍ପର୍କରେ ତଥ୍ୟ ଯାଂଚ କରାଯାଇଥିଲା । ଏଥିସହିତ ଦୋକାନୀମାନଙ୍କୁ ଶିଶୁଶ୍ରମିକ ପ୍ରଥାକୁ ନିୟୋଜିତ ଭାବେ ନିୟୋଜିତ ନକରିବାକୁ ପରାମର୍ଶ ଦିଆଯିବା ସହ ଦୋକାନ ପ୍ରତିନିଧିଙ୍କ ଠାରେ ସଚେତନତା ମୂଳକ ପୋଷ୍ଟର ଉପାୟାଯାଇଥିଲା । ପୋଷ୍ଟରରେ ଏହି ଦୋକାନରେ କୌଣସି ଶିଶୁ ଶ୍ରମିକ ନିୟୋଜିତ ନାହାନ୍ତି, ଶିଶୁ ଶ୍ରମିକ ନିୟୋଜନ ଏବଂ ବଯସୀୟ ଦୋଷି ସଚେତନ ବାର୍ତ୍ତାରେ ଲିଖିତ ରହିଛି । ଶିଶୁଶ୍ରମିକ ହାତରେ କାମ ନୁଉଁ, ବରଂ ସେମାନଙ୍କ ହାତରେ ପୁସ୍ତକ ଓ କଲମ ରହିବା ଆବଶ୍ୟକ । ପ୍ରତ୍ୟେକ ଶିଶୁଙ୍କର ଶିକ୍ଷା ଗୁରୁତ୍ୱ, ସୁରକ୍ଷିତ ଭାବେ ବଢ଼ିବା ଓ ନିଜର ଉଜ୍ଜ୍ୱଳିତ ଭବିଷ୍ୟତ ଗଢ଼ିବାର ଅଧିକାର ରହିଛି । ତେଣୁ ଶିଶୁ ଶ୍ରମିକ ପ୍ରଥାକୁ ସମାଜରୁ ଦୂର କରିବା ପାଇଁ ଜେକଜ ପ୍ରଶାସନ ନୁଉଁ ବରଂ ବ୍ୟବସାୟୀ ଓ ସାଧାରଣ ଜନତାଙ୍କ ସହଯୋଗ ମଧ୍ୟ ଅତ୍ୟନ୍ତ ଜରୁରୀ ବୋଲି ଏହି ସଚେତନତା ଅଭିଯାନ ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା । ସହରରେ ଶିଶୁ ଶ୍ରମିକ ନିୟୋଜନ ରୋକିବା ଏବଂ ଶିଶୁମାନଙ୍କ ଅଧିକାରର ସୁରକ୍ଷା ଦିଗରେ ଏଭଳି ଯାଂଚ ଓ ସଚେତନତା କାର୍ଯ୍ୟକ୍ରମ ଏକ ସକାରାତ୍ମକ ପଦକ୍ଷେପ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ରାୟଗଡ଼ରେ ଜିଲ୍ଲାସ୍ତରୀୟ ଏକୀକୃତ ପେନସନ୍ ପରିଚାଳନା ପୋର୍ଟାଲ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ



ରାୟଗଡ଼, ୧୨/୧୧ (ଆ.ପ୍ର) : ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଜିନ୍ୟୁକ୍ତ ସଶକ୍ତିକରଣ ବିଭାଗ ଏବଂ ରାୟଗଡ଼ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆଜି ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଜିଲ୍ଲାସ୍ତରୀୟ ଦଂଚଦଂଚଏକୀକୃତ ପେନସନ୍ ପରିଚାଳନା ପୋର୍ଟାଲର ଶୁଭାରମ୍ଭ କାର୍ଯ୍ୟକ୍ରମ ସମ୍ପଚଦାର ସହ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ରାଜ୍ୟସ୍ତରରେ ଏହି ଜନକଲ୍ୟାଣକାରୀ ଡିଜିଟାଲ୍ ପୋର୍ଟାଲର ଉଦ୍‌ଘାଟନ ଅବସରରେ, ରାୟଗଡ଼ ଜିଲ୍ଲାରେ ସାମାଜିକ ସୁରକ୍ଷା ଉତା ବ୍ୟବସ୍ଥାକୁ ଅଧିକ ସରଳ, ସ୍ୱଚ୍ଛ ଓ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ରାୟଗଡ଼ କାନ୍ତାରା ଆପ୍ପାରା ସ୍ୱାମୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ରାୟଗଡ଼ର ଅଧ୍ୟକ୍ଷ ବିଦ୍ୟାଧର ଶବର ଓ ଉପାଧ୍ୟକ୍ଷା ମଞ୍ଜୁଳା ମିଣିଆକା, ଜିଲ୍ଲା ପରିଷଦ ରାୟଗଡ଼ର ଅଧ୍ୟକ୍ଷା ମାଝୀ, ଫଂଗୋଡ଼ ସମିତି ରାୟଗଡ଼ର ଅଧ୍ୟକ୍ଷ ଜୁନି ହୁଡକା ଏବଂ ପୌର ପରିଷଦ ହିତାଧିକାରୀମାନେ ବିନା କୌଣସି ବିଳମ୍ବରେ ଅନଲାଇନ୍ ଆବେଦନ, ଆଧାର ଭିତ୍ତିକ ଇ-କଏଚ ଯାଂଚ ଏବଂ ପେନସନ୍ ସ୍ଥିତି ଜାଣିପାରିବେ । ଏଭିଳି ଉତା ପାଇବା ପାଇଁ ହିତାଧିକାରୀଙ୍କୁ ଆଉ ଦୀର୍ଘ ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ଏହି ଅବସରରେ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ନୂତନ ଭାବେ ଅନ୍ତର୍ଭୁକ୍ତ ହୋଇଥିବା ୭୮୦୭ ଜଣ ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ ୬୫୦ ଜଣଙ୍କୁ ଉତା ମଞ୍ଜୁରୀ ଆଦେଶପତ୍ର ବଂଚନ କରାଯାଇଥିଲା । ବିଭାଗୀୟ ଅଧିକାରୀମାନେ ଘେଟଁଗଇ ବ୍ୟବହାର ସମ୍ପର୍କରେ ସୂଚନା ଦେବା ସହ ଗ୍ରୁଭ୍ କାର୍ଯ୍ୟାଳୟ ଓ ଜନସେବା କେନ୍ଦ୍ର (ମାଧ୍ୟମରେ ହିତାଧିକାରୀଙ୍କୁ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ । ନାନାଂଚଳ ମିଶ୍ର, ବରିଷ୍ଠ ଶିକ୍ଷକ ମଂଚକୁ ସୁଚାରୁରୂପେ ପରିଚାଳନା କରିଥିବେ ଏବଂ ସାମାଜିକ ସୁରକ୍ଷା ବିଭାଗର ସମସ୍ତ କର୍ମକର୍ତା ସହଯୋଗ କରିଥିଲେ । ପରିଶେଷରେ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ସହ ସଭା କାର୍ଯ୍ୟ ସମାପ୍ତ ଘୋଷଣା ।

୧୪୭ଗ୍ରାମ ଧଳାଜହ୍ନର, ସ୍କୁଟି ଜବତ ଜଣେ ଗିରଫ



ତାଳୀ ଚୌଦ୍ୱାର, ୧୨/୧୧ (ଆ.ପ୍ର) : ଅବକାରୀ ସୁପରିଣ୍ଟେଣ୍ଡେଂଟ ଜରୁଣା ଶଙ୍କର ଦିଗ୍ଦାରଙ୍କ ନିର୍ଦ୍ଦେଶ ଲୁମେ ଜଣକ ଜିଲ୍ଲା ମୋବାଇଲ ସ୍କ୍ୱାର୍ଡ ତରଫରୁ ପେଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜଟକ ଜାଜିପାଟଣା ଅଂଚରେ ତଡ଼ାଲ ଜରି ଚାଦନ ଗାଉଡ ନାମକ ଯୁବକକୁ ଗିରଫ କରିବା ସହିତ ତା ନିଜରୁ ୧୪୭ଗ୍ରାମ ଓଜନର ଡ୍ରାଉନସୁଗାର ଜବତ କରି ଆନୁସାଙ୍ଗିକ ତଦ୍ତାଉମୁଳା ୧୫ଲକ୍ଷ ହେବ ଆସାମୀ ଅନୁରୁପ ଅଂଚର ବୋଲି ଅବକାରୀ ପଖରୁ ସୂଚନା ମିଳିଛି ଏଥି ସହିତ ଅଭିଯୁକ୍ତ ବ୍ୟବହାର କରୁଥିବା ଏକ ସ୍କୁଟିକୁ ଜବତ କରିଛି ଅବକାରୀ ସ୍କ୍ୱାର୍ଡ ପୋଲିସ ଏହି ତତ୍ପାରରେ ମୋବାଇଲ ସ୍କ୍ୱାର୍ଡର ଜନସେକଟର ଲକ୍ଷ୍ମ ତତ୍ପର ଚମ୍ପି, ନିଗୁପ୍ତମା ସାହୁ, ହରିହର ନାୟକ, ଅଜୟ ଜେନା, ଦେବବ୍ରତ ଓଝା, ପ୍ରିୟତମା ଉଧ, ଶଙ୍କର ସିଂ, ଲକ୍ଷ୍ମଣ ବେହେରା ପ୍ରମୁଖ ସାମିଲ ରହିଥିଲେ ।

ନୂଆପଡ଼ାରେ ଷଷ୍ଠ ଜିଲ୍ଲା ପରିଷଦର ଏକାଦଶ ବୈଠକ ଅନୁଷ୍ଠିତ



ନୂଆପଡ଼ା, ୧୨/୧୧ (ଆ.ପ୍ର) : ନୂଆପଡ଼ା ଜିଲ୍ଲାର ଷଷ୍ଠ ଜିଲ୍ଲା ପରିଷଦର ଏକାଦଶ ବୈଠକ ଆଜି ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଖଡ଼ିପାଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ଜିଲ୍ଲାପାଳ ଅନ୍ୟା ଦାସ, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ପ୍ରେମ ଅଗ୍ରୱାଲ, ବନଖଣ୍ଡ ଅଧିକାରୀ (ପ୍ରାକ୍ତନ) ଅଜିତ ଖାନ ଓ ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ସ୍ତମ୍ଭର ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପଙ୍କ ସମେତ ଜିଲ୍ଲା ପରିଷଦର ସମସ୍ତ ସଦସ୍ୟା/ସଦସ୍ୟ, ବ୍ଲକ ଅଧ୍ୟକ୍ଷାଅଧ୍ୟକ୍ଷା, ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ବୈଠକରେ ବିଭିନ୍ନ ବିଭାଗ ପକ୍ଷରୁ ବିଭାଗରେ ଚାଲିଥିବା ଉନ୍ନୟନମୂଳକ ଯୋଜନା ଓ ପ୍ରକଳ୍ପଗୁଡ଼ିକର ଅଗ୍ରଗତି, ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ଲକ୍ଷ୍ୟଧାର୍ଯ୍ୟ କାର୍ଯ୍ୟ ସାଧନ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଏଥିସହ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗ୍ରାମ୍ୟ ଉନ୍ନୟନ, ପାନୀୟ ଜଳ ଯୋଗାଣ, ଜଙ୍ଗଲ ଓ ପରିବେଶ ଆଦି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ଯୋଜନାଗୁଡ଼ିକର ସଫଳ ରୂପାୟନ ସହ ଜନସାଧାରଣଙ୍କୁ ଉତମ ସେବା ଯୋଗାଇଦେବା ଦିଗରେ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିଙ୍କ ମଧ୍ୟରେ ଉତମ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଶେଷରେ, ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

ପୁଅର ଜନ୍ମ କାଗଜପତ୍ର ଓ ଆଧାର କାର୍ଡ ମାଗି ରୋଷର ଶିକାର ହେଲେ ମାଆ

ଯୌତୁକ ନିର୍ଯ୍ୟାତନା ଓ ଅତ୍ୟାଚାର ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ଅଭିଯୁକ୍ତ

ପାରଳାଖେମୁଣ୍ଡି, ୧୨/୧୧ (ଆ.ପ୍ର) : ସ୍ୱାମୀଙ୍କୁ ପୁଅର ଜନ୍ମ କାଗଜପତ୍ର, ଆଧାର କାର୍ଡ ତଥା ନିଜର ସୁଜାଗଢ଼ମା ମାଗିବାକୁ ନେଇ ସୃଷ୍ଟି ହୋଇଥିବା ପାରିବୃତ୍ତିରେ ଧର୍ମପତ୍ନୀଙ୍କୁ ମାଡ଼ ମାରି ଲହୁଲୁହାଣ କରିବା ଉଜି ସମ୍ବେଦନଶୀଳ ମାମଲାର ଶୁଣାଣି କରି ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ଦ୍ରବିଡ଼ ପେଣ୍ଡାନି ବିଚାରପତି ତଥା ସହକାରୀ ଜୈଲା ଜଜ୍ (ମହିଳା ଅତ୍ୟାଚାର) ଶ୍ରୀମତୀ ଉଶ୍ୱିରା ସାହୁ ଭାରତୀୟ ସିଜୁକ କୋଡ଼ର ଧାରା ୪୯୮କ (ଅତ୍ୟାଚାର କରିବା) ତଥା ୩୨୩ (ସ୍ୱେଚ୍ଛାକୃତ ଭାବରେ ଆଘାତ କରିବା) ଅପରାଧରେ ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ ପ୍ୟାଲେସ ଷ୍ଟ୍ରିଟର ପ୍ରିୟତମ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରି ଜଠୋର ସଜା ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ଏପିପି ସୌମ୍ୟ ସୌରଭ ପଟ୍ଟନାୟକ ଉକ୍ତ ମାମଲାକୁ ସଫଳ ଭାବେ ପରିଚାଳନା କରିଥିବାର ସରକାର ରାୟପ୍ରାପ୍ତ କ୍ଷତିତ୍ରସ୍ତ ପ୍ରତିଶ୍ରୁତିର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ ପ୍ୟାଲେସ ଷ୍ଟ୍ରିଟ ସାହିର ଏଡଲାକାରିଣୀ ପତ୍ନିତା ବେହେରା ତା ୧୬-୦୩-୨୦୨୧ରିଖ ଦିନ ସକାଳ ଆଠଟା ସମୟରେ ନିଜ ଶାଶୁ ଘରକୁ ଯାଇ ଯେତେବେଳେ ନିଜ ପୁଅର ଜନ୍ମ କାଗଜପତ୍ର , ଆଧାର କାର୍ଡ ତଥା ନିଜର ସୁଜାଗଢ଼ମା ମାଗିବାକୁ ଯାଇଥିଲେ ସେତେବେଳେ ଏଭଳି ଅତ୍ୟାଚାରର ଶିକାର ହୋଇଥିଲେ । ଶେଷରେ ନିଜ ଜୀବନ ପ୍ରତି ବିପଦ ହୋଇଥିବା ଦେଖି ବାଧ ହୋଇ ଏହି ଘଟଣାକୁ ନେଇ ଏଡଲାକାରିଣୀ ତା ୧୬-୦୩-୨୦୨୧ ଖ୍ରିଖ ଦିନ ରାତି ୧୦ଟା ସମୟରେ ପାରଳାଖେମୁଣ୍ଡି ଥାନାରେ ମାମଲା ନମ୍ବର ୫୯/୨୦୨୧ରେ ଏକ ମାମଲା ରୁଜୁ କରିଥିଲେ ଏବଂ ତଦ୍ତାନୀନ ଏସ.ଆଇ. ଅନୁଯାୟୀ ମଙ୍ଗଳଣ ଏହି ମାମଲାର ତଦନ୍ତକାରୀ ଅଧିକାରୀ ରହିଥିଲେ । ଶେଷରେ ୮ଜଣ ସାକ୍ଷୀଙ୍କ ଜବିଂଚ ବୟାନ ତଥା ଦସ୍ତାବିଜକୁ ଭିତି କରି ମାନ୍ୟବର ନ୍ୟାୟାଧୀଶ ଉକ୍ତ ଘଟଣାରେ ଭାରତୀୟ ପିଜିକ କୋଡ଼ର ଧାରା ୪୯୮କ ଓ ୩୨୩ ଅପରାଧରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଧାରା ୪୯୮କ ରେ ୧ବର୍ଷ କାରାଦଣ୍ଡ ସହ ୫୦୦୦ ଟଙ୍କା ଜୋରିମାନା ତଥା ଧାରା ୩୨୩ରେ ୧ବର୍ଷର କାରାଦଣ୍ଡ ସଜା ଶୁଣାଇଛନ୍ତି ।

ଗୁଣପୁର ପାଠାଗାରର ଉନ୍ନତି ପାଇଁ ଗୁରୁତ୍ୱ ଦେଲେ ଦକ୍ଷିଣାଂଚଳ ଉପ ନିର୍ଦ୍ଦେଶକ



ଗୁଣପୁର, ୧୨/୧୧ (ଆ.ପ୍ର) : ସୂଚନା ଓ ଲୋକ ସମ୍ପର୍କ ବିଭାଗର ଦକ୍ଷିଣାଂଚଳ ଉପ ନିର୍ଦ୍ଦେଶକ ଦକ୍ଷତ କୁମାର ପ୍ରଧାନ ଗୁରୁତ୍ୱାର ଗୁଣପୁର ଷ୍ଟେଜରେ ଆସି ସ୍ଥାନୀୟ ସୂଚନା କେନ୍ଦ୍ର ଓ ପାଠାଗାରର ସ୍ଥିତି ଅନୁଧ୍ୟାନ କରିଥିବେ । ପରିଦର୍ଶନ ସମୟରେ ସେ ପାଠାଗାରରେ ଥିବା ବିଭିନ୍ନ ପୁସ୍ତକ, ଖବରକାଗଜ, ପତ୍ରପତ୍ରିକା ଏବଂ ପାଠକଙ୍କ ସଦସ୍ୟତା ସମ୍ପର୍କିତ ରେକର୍ଡ ଯାଂଚ କରିଥିଲେ । ଏଥିସହ ପାଠାଗାରର ପରିବେଶ, ପରିଚାଳନା ଓ ଯୁବପିଢ଼ିଙ୍କ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ପାଇଁ ରହିଥିବା ସୁବିଧା ସମ୍ପର୍କରେ ଅବଗତ ହୋଇ ସନ୍ତୋଷ ପ୍ରକାଶ କରିଥିଲେ । ପାଠାଗାରକୁ ଅଧିକ ଉପଯୋଗୀ ଓ ଆଧୁନିକ କରିବା ସହ ପାଠକ ଏବଂ ପରୀକ୍ଷାର୍ଥୀଙ୍କ ପାଇଁ ଇଂଟରନେଟ୍, ଓ ଏସି ବ୍ୟବସ୍ଥା କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ



ଆରମ୍ଭ

SEITHO ARAMBHA



ଶୁକ୍ରବାର, ୧୩ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଦ୍ୱିତୀୟ ଦିବସରେ ୭୦ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ



ପାରଳାଖେମୁଣ୍ଡି, ୧୨/୧୧ (ଆ.ପ୍ର) : ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ୍ ସ୍ଥିତ ସରକାରୀ ଏଙ୍ଗ୍ଲୋ ହାଇସ୍କୁଲ ପଡ଼ିଆରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିମଣ୍ଡଳରେ ଆୟୋଜିତ ୭୦ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ୧୪ ଓ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ଭଲିବଲ୍ ପ୍ରତିଯୋଗିତା (୨୦୨୬-୨୭) ଦ୍ୱିତୀୟ ଦିବସରେ ଉତ୍ସାହ ସହ ଅନୁଷ୍ଠିତ ହୋଇଯାଇଛି । ଏହି ରାଜ୍ୟସ୍ତରୀୟ କ୍ରୀଡ଼ା ମହୋତ୍ସବରେ ଓଡ଼ିଶାର ୩୦ଟି ଜିଲ୍ଲାରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେଇ ନିଜ ନିଜର କ୍ରୀଡ଼ା ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ କରୁଛନ୍ତି । ପ୍ରତିଯୋଗିତାର ସୁପରିଚାଳନା ପାଇଁ ମୋଟ ୫ଟି ଖେଳ ପଡ଼ିଆ ସହ କୋର୍ଟର ବ୍ୟବସ୍ଥା ରାତାରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ପ୍ରତ୍ୟେକ କୋର୍ଟରେ ପ୍ରାୟ ୧୨ରୁ ୧୫ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିବାବେଳେ ସମସ୍ତ ଖେଳାଳି ଜଇଲୋଟାସ ଖେଳ ପ୍ରଦର୍ଶନ କରି ଦର୍ଶକଙ୍କ ମନ ଜିଣିଥିଲେ । ଦ୍ୱିତୀୟ ଦିବସର କାର୍ଯ୍ୟକ୍ରମରେ ଅତିଥିରୁ ଜିଲ୍ଲାପାଳ ପୀତାମ୍ବରୀ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ମାୟାଧର ସାହୁ ଯୋଗଦେଇଥିଲେ । ସେହିପରି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏସ୍. ଗିରିଧର, ମୋହନା ଓ ଆର୍. ଉଦୟଗିରି ବ୍ଲକ୍ର ଗୋଷ୍ଠୀ ଶିକ୍ଷା ଅଧିକାରୀ ବୀରେନ୍ଦ୍ର ମଣ୍ଡଳ, ରାୟଗଡ଼ ତହସିଲଦାର ସୁକାନ୍ତ ପ୍ରଧାନ ଏବଂ ଜୟମାଳ ଜିଲ୍ଲାର ଶାରୀରିକ ଶିକ୍ଷା ନିରୀକ୍ଷକ ସଞ୍ଜୟ କୁମାର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପ୍ରତିଯୋଗିତାର ବିଜିନ୍ନ ଦିଗ ଉପରେ ମତବ୍ୟକ୍ତ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଏହି ବୃନ୍ଦର କ୍ରୀଡ଼ା ଆୟୋଜନକୁ ସଫଳ ଓ ସୁସଂଗଠିତ କରିବାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ କ୍ରୀଡ଼ା ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସକ୍ରିୟ ସହଯୋଗ ଓ ଉପସ୍ଥିତି ଦେଖି ପ୍ରଶଂସିତ ହୋଇଥିଲା । କାର୍ଯ୍ୟକ୍ରମର ମଂଚ ପରିଚାଳନା ସରକାରୀ ଏସ୍ଏଚ୍ଏ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , ରାୟଗଡ଼ର କ୍ରୀଡ଼ା ଶିକ୍ଷକ ସନ୍ତୋଷ ପଣ୍ଡା ପରିଚାଳନା କରିଥିଲେ । ଶେଷରେ ଗଜପତି ଜିଲ୍ଲାର ଶାରୀରିକ ଶିକ୍ଷା ନିରୀକ୍ଷକ ସୁରେନ୍ଦ୍ର କୁମାର ପାତ୍ର ଉପସ୍ଥିତ ସମସ୍ତ ଅତିଥି, ଅଧ୍ୟେକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ପ୍ରତିଯୋଗୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଜଗତସିଂହପୁର ଜିଲ୍ଲାରେ ମଧୁବାବୁ ପେନସନ ଯୋଜନାରେ ଯୋଡ଼ି ହେଲେ ୧୩୯୩୦ ନୂଆ ହିତାଧିକାରୀ



ଜଗତସିଂହପୁର, ୧୨/୧୧ (ଆ.ପ୍ର) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କେଶ୍ୱରଠାରେ ରାଜ୍ୟସ୍ତରୀୟ ତଟଗତ ପୋର୍ଟାଲ ଉନ୍ମୋଚନ କରିବା ପରେ, ଆଜି ସ୍ଥଳୀୟ ଅତିବ୍ଦି ସାରନା ଦାସ ସଂସ୍କୃତି ଭବନ ଠାରେ ମଧୁବାବୁ ପେନସନ ଯୋଜନାର ସମ୍ପୃକ୍ତତା ଶୁଭାରମ୍ଭର ଜିଲ୍ଲା ସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଆନୟର ସହଭାଗରେ ଅନୁଷ୍ଠିତ ହୋଇଯାଇଛି । ଏହି ଜିଲ୍ଲା ସ୍ତରୀୟ ଉତ୍ସବରେ ଜିଲ୍ଲାପାଳ ଜେ ସୋନାଲଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ସଭାରେ ଶିଳ୍ପ, ବଣ୍ଡାରା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତଟଗତ ପୋର୍ଟାଲର ଜିଲ୍ଲା ସ୍ତରୀୟ ଉନ୍ମୋଚନ କରିବା ସହ ନୂତନ ହିତାଧିକାରୀମାନଙ୍କୁ ପେନସନ ଭତା ବଣ୍ଟନର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ପରିପୂର୍ଣତା ବା ସାତୁରେସନ ମୋଡ ରେ ଭତା ବଣ୍ଟନ ପାଇଁ ଏକୀକୃତ ପେନସନ ପରିଚାଳନା ପୋର୍ଟାଲ ର ଶୁଭାରମ୍ଭ କରାଯାଇଛି ଏହା ଦ୍ୱାରା ନାଗରିକ ମାନେ ସହଜରେ ଭତା ପାଇଁ ଆବେଦନ କରିପାରିବେ ଏବଂ ସ୍ୱୟଂ ଚାଳିତଭାବେ ଭତା ପାଇପାରିବେ ବୋଲି କହିଥିଲେ । ସରକାର ଅକ୍ଷୟତା ଜରି ଜିଲ୍ଲାପାଳ ଜେ ସୋନାଲ ତାଙ୍କର ପୁରୁଣା କଥା ମନେ ପକାଇ ଜଗତସିଂହପୁର ଥିବା ସମୟରେ ବିଭିନ୍ନ ଲୋକ ମାନେ ଭତା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରୁଥିବେ ଏବଂ ସରକାରୀ କାର୍ଯ୍ୟାଳୟକୁ ବୌଦ୍ଧି ଥିବେ ତାର ତୁଳନା ତର୍ଯମାନର ସାତୁରେସନ ମୋଡ଼ରେ ଭତା ବଣ୍ଟନ ସହ କରି ମୁଖ୍ୟମନ୍ତ୍ରୀଙ୍କର ସଦକ୍ଷେପକୁ ପ୍ରଶଂସା କରିଥିଲେ । ଅନ୍ୟ ସଭାରେ ମୁଖ୍ୟ ଅତିଥି ଶ୍ରୀ ସ୍ୱାଇଁ କହିଥିଲେ ଯେ, ରାଜ୍ୟ ସରକାରଙ୍କ ଦ୍ୱାରା ପୂର୍ବର ଅମାନବୀୟ ଓ ସମ୍ବେଦନାଳ କୋଟା ବ୍ୟବସ୍ଥାକୁ ସମ୍ପୂର୍ଣ ସମାପ୍ତ କରାଯାଇ ସବୁ ଯୋଗ୍ୟ ବ୍ୟକ୍ତିକୁ ପେନସନ ଦେବାର ଯୁତ ଆରମ୍ଭ ହୋଇଛି । ଆଜି ଜିଲ୍ଲାର ୮ଟି ବ୍ଲକ୍ ଓ ୨ଟି ପୌରାଂଚଳର ମୋଟ ୧୩,୯୩୦ ଜଣ ନୂଆ ଯୋଗ୍ୟ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି, ଯାହାଦ୍ୱାରା ଜିଲ୍ଲାରେ ମୋଟ ଗଣତତ ପେନସନ ହିତାଧିକାରୀଙ୍କ ସଂଖ୍ୟା ୧,୨୧,୨୮୯ରେ ପହଂଚିଛି ଏବଂ ଜିଲ୍ଲା ସାମାଜିକ ସୁରକ୍ଷା କ୍ଷେତ୍ରରେ ସମ୍ପୂର୍ଣତା ବା ସାତୁରେସନ ବିଧାୟକ ଅମରେନ୍ଦ୍ର ଦାସ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଯୁଲ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ବିଶେଷ ଅବସରରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ 'ଏକୀକୃତ ପେନସନ୍ ପରିଚାଳନା ପୋର୍ଟାଲ୍' ସଚେତନତା ପରିକ୍ରମା ଉତ୍ସର ଶୁଭାରମ୍ଭ କରାଯାଇଥିଲା । ବୃଦ୍ଧ ବୃଦ୍ଧା ମାନେ ଆସୁ ସଜାନ ର ସହ ବଂଟିବାର ସୁଯୋଗ ପାଇବେ । ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ପରିପୂର୍ଣତା ବା ସାତୁରେସନ ମୋଡ ରେ ଭତା ବଣ୍ଟନ ପାଇଁ ଏକୀକୃତ ପେନସନ ପରିଚାଳନା ପୋର୍ଟାଲ ର ଶୁଭାରମ୍ଭ କରାଯାଇଛି ଏହା ଦ୍ୱାରା ନାଗରିକ ମାନେ ସହଜରେ ଭତା ପାଇଁ ଆବେଦନ କରିପାରିବେ ଏବଂ ସ୍ୱୟଂ ଚାଳିତଭାବେ ଭତା ପାଇପାରିବେ ବୋଲି କହିଥିଲେ । ସରକାର ଅକ୍ଷୟତା ଜରି ଜିଲ୍ଲାପାଳ ଜେ ସୋନାଲ ତାଙ୍କର ପୁରୁଣା କଥା ମନେ ପକାଇ ଜଗତସିଂହପୁର ଥିବା ସମୟରେ ବିଭିନ୍ନ ଲୋକ ମାନେ ଭତା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରୁଥିବେ ଏବଂ ସରକାରୀ କାର୍ଯ୍ୟାଳୟକୁ ବୌଦ୍ଧି ଥିବେ ତାର ତୁଳନା ତର୍ଯମାନର ସାତୁରେସନ ମୋଡ଼ରେ ଭତା ବଣ୍ଟନ ସହ କରି ମୁଖ୍ୟମନ୍ତ୍ରୀଙ୍କର ସଦକ୍ଷେପକୁ ପ୍ରଶଂସା କରିଥିଲେ । ଅନ୍ୟ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଯୁଲ, ଜିଲ୍ଲା ପ୍ରଶାସନ ବରିଷ୍ଠ ଅଧିକାରୀ ଏବଂ ଅନ୍ୟାନ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

ଶିଶୁଙ୍କ ପୋଷଣ ସହ ଶିକ୍ଷା ଓ ବିକାଶକୁ ଗୁରୁତ୍ୱ, ଅଙ୍ଗନବାଡ଼ି କେନ୍ଦ୍ରସ୍ତରରେ କୋଟିଏ ହସ କାର୍ଯ୍ୟକ୍ରମ



ବାସୁଦେବପୁର, ୧୨/୧୧ (ଆ.ପ୍ର) : ଶିଶୁ ହେଉଛନ୍ତି ଦେଶର ଭବିଷ୍ୟତ । ଶିଶୁଙ୍କ ସୁସ୍ଥ ଶରୀର ସହ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଆବଶ୍ୟକ ଉପଯୁକ୍ତ ପୋଷଣ ଓ ଉତମ ଶିକ୍ଷା । ଏହି ଲକ୍ଷ୍ୟ ନେଇ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ ଅଭିଯାନ ମାଧ୍ୟମରେ ଶିଶୁଙ୍କ ସର୍ବାଙ୍ଗୀନ ବିକାଶକୁ ପ୍ରାଧାନ୍ୟ ଦେଇ ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଆଜି ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ ଜଗନ୍ନାଥପ୍ରସାଦ ଗ୍ରାମ ପଂଚାୟତର ଛତ୍ରପୁର ଅଙ୍ଗନବାଡ଼ି କେନ୍ଦ୍ରରେ ଏଠାରେ ପୋଷଣ ଅଭିଯାନ ଅନ୍ତର୍ଗତ 'କୋଟିଏ ହସ' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଶିଶୁଙ୍କ ଶିକ୍ଷା, ପୋଷଣ ଓ ସାମଗ୍ରିକ ବିକାଶ ଉପରେ ସଚେତନତା ସୃଷ୍ଟି କରାଯାଇଛି ।କେବଳ ପାଠପଢ଼ା ନୁହେଁ, ଖେଳ, ଗୀତ, ନୃତ୍ୟ ଓ ବିଜିନ୍ନ ସୃଜନଶୀଳ କାର୍ଯ୍ୟକଳାପ ମାଧ୍ୟମରେ ଶିଶୁଙ୍କ ମାନସିକ ଓ ଶାରୀରିକ ବିକାଶ କରିବା ଦେଇଛି ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ । ଏଭଳି ଏକ ଆନନ୍ଦମୟ ପରିବେଶ ଦେଖିବାକୁ ମିଳିଛି ଉତ୍ସବ ଜିଲ୍ଲା ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ ଜଗନ୍ନାଥପ୍ରସାଦ ଗ୍ରାମ ପଂଚାୟତର ଛତ୍ରପୁର ଅଙ୍ଗନବାଡ଼ି କେନ୍ଦ୍ରରେ । କର୍ମୀଙ୍କ ସହଯୋଗରେ ଶିଶୁଙ୍କ ଗିତରେ ଲୁଚି ରହିଥିବା ପ୍ରତିଭାର ବିକାଶ ସହ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ଏଭଳି ପ୍ରୟାସ କରାଯାଇଛି । କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ ଶ୍ରୀମତୀ କମଳିନୀ ମଲିକଙ୍କ ସମେତ ଯାଂଚ କମିଟି, ମାତୃ କମିଟିର ସଦସ୍ୟା ଓ ଅଭିଭାବକମାନେ ଉପସ୍ଥିତ ରହି ଶିଶୁଙ୍କ ଉତ୍ସାହ ବୃଦ୍ଧି କରିଥିଲେ ।ଶିଶୁଙ୍କ ମୁହଁରେ ହସ ଫୁଟାଇବା ସହ ସେମାନଙ୍କୁ ପୁଷ୍ଟ, ଶିକ୍ଷିତ ଓ ସଂସ୍କାରିତ କରି ଗଢ଼ି ତୋଳିବା ହେଉଛି ଏଭଳି ଅଭିଯାନର ମୁଖ୍ୟ ଲକ୍ଷ୍ୟ । କାରଣ ଆଜିର ଶିଶୁ ହିଁ ଆଗାମୀଦିନର ସୁସ୍ଥ ସମାଜର ଉତ୍ତିଷ୍ୟତ ।

ରାଜ୍ୟସ୍ତରୀୟ 'ଜାତିସଙ୍ଘ ସଂସଦ'ରେ ଦଶପଲ୍ଲାର ମୌସମୀ ମନୋନୀତ



ଦଶପଲ୍ଲା, ୧୨/୧୧ (ଆ.ପ୍ର) :ନୟାଗଡ଼ ଜିଲ୍ଲାର ସମସ୍ତ ପିଏମଶ୍ରୀ ବିଦ୍ୟାଳୟକୁ ନେଇ ଜିଲ୍ଲାସ୍ତରୀୟ ଆଦର୍ଶ ଛାତ୍ର ସଂସଦ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାର ବିଜିନ୍ନ ବିଦ୍ୟାଳୟରୁ ୧୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୫୦ ଜଣଙ୍କୁ ମନୋନୀତ କରାଯାଇଥିଲା ।ଏହି ମନୋନୟନ ପ୍ରକ୍ରିୟାରେ ଦଶପଲ୍ଲାସ୍ଥିତ ପିଏମ୍ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୧୦ ଜଣ ଛାତ୍ରୀ ସ୍ଥାନ ପାଇଥିଲେ । ଏଥିସହ ଜିଲ୍ଲାରୁ ଦୁଇଜଣ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ 'ଜାତିସଂଘ ସଂସଦ' ପାଇଁ ମନୋନୀତ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ଦଶପଲ୍ଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ମୌସମୀ ମହାପାତ୍ର ସ୍ଥାନ ପାଇଛନ୍ତି । ସେ ରାଜ୍ୟସ୍ତରରେ ନୟାଗଡ଼ ଜିଲ୍ଲାର ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି । ମୌସମୀଙ୍କ ଏହି ସଫଳତା ଦଶପଲ୍ଲା ପାଇଁ ଗୌରବର ବିଷୟ ହୋଇଥିବାବେଳେ ବିଦ୍ୟାଳୟର ସୁନାମ ବୃଦ୍ଧି କରିଛି । ତାଙ୍କର ଏହି କୃତିତ୍ୱ ପାଇଁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଂଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

ମଧୁବାବୁ ପେନସନ୍ ଯୋଜନାରେ ଖୋର୍ଦ୍ଧା ଜିଲ୍ଲାର ୨୩,୪୮୦ ଜଣ ନୂତନ ହିତାଧିକାରୀଙ୍କୁ ଭତା ପ୍ରଦାନର ଶୁଭାରମ୍ଭ



ଖୋର୍ଦ୍ଧା, ୧୨/୧୧ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲାର ଜୟୀ ରାଜଗୁରୁ ଟାଉନ୍ ହଲ୍ଠାରେ ମଧୁବାବୁ ପେନସନ୍ ଯୋଜନା ଅଧୀନରେ ଜିଲ୍ଲାର ୨୩,୪୮୦ ଜଣ ନୂତନ ହିତାଧିକାରୀଙ୍କୁ ଭତା ପ୍ରଦାନର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ମାନ୍ୟବର ମନ୍ତ୍ରୀ ଆଳନ ପୂର୍ତ ଅବକାରୀ ବିଭାଗ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ । ଏହି ଅବସରରେ ଖୋର୍ଦ୍ଧାବାସୀଙ୍କ ପକ୍ଷରୁ ମିଳିଥିବା ଉଚ୍ଚ ସ୍ୱାଗତ, ଆତ୍ମୀୟ ସମ୍ବର୍ଦ୍ଧନା ଓ ଅପାର ସ୍ନେହ ଶ୍ରଦ୍ଧା ଶ୍ରୀ ହରିଚନ୍ଦନଙ୍କୁ ଅଭିଭୂତ କରିଛି ଏବଂ ଖୋର୍ଦ୍ଧା ବାସୀଙ୍କର ଏହି ଉଚ୍ଚରାଭାବ ଓ ବିଶ୍ୱାସ ଜନସେବା ପ୍ରତି ତାଙ୍କର ଦାୟିତ୍ୱବୋଧକୁ ଆହୁରି ଦୃଢ଼ କରିବା ସହ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସଦା ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଏହି ଅବସରରେ ଜିଲ୍ଲାର ତୁଲଟି ସଦଡିଜିଜନ ପାଇଁ ପ୍ରସ୍ତୁତ ସଚେତନତା ଉତ୍ସର ଶୁଭାରମ୍ଭ କରିଥିଲେ । ଏହା ମାଧ୍ୟମରେ ସରକାରଙ୍କ ବିଜିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ସାମାଜିକ ସୁରକ୍ଷା ସମ୍ବନ୍ଧିତ ସୂଚନା ଜନସାଧାରଣଙ୍କ ନିକଟରେ ପହଂଚିବ । ସମାଜର ବରିଷ୍ଠ ନାଗରିକ, ବିଧବା, ଦିବ୍ୟାଙ୍ଗ ତଥା ଅସହାୟ ଓ ଆବଶ୍ୟକତା ଥିବା ବର୍ଗଙ୍କୁ ସାମାଜିକ ଓ ଆର୍ଥିକ ସୁରକ୍ଷା ସହ ସମ୍ମାନଜନକ ଜୀବନ ପ୍ରଦାନ କରିବା ଆମ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତା । ତେଣୁ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସରକାରୀ ସହାୟତା ପହଂଚାଇବା ଆମର ସଂକଳ୍ପ ବୋଲି କହିଥିଲେ । ଅଳ୍ପେ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ପାଇଁ ସମସ୍ତ ଖୋର୍ଦ୍ଧାବାସୀଙ୍କ ନିକଟରେ ହୃଦୟସ୍ପର୍ଶୀ କୃତଜ୍ଞତା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଜନପ୍ରତିନିଧି, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଏବଂ ଅନ୍ୟାନ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

କଳାହାଣ୍ଡି ଜିଲ୍ଲାରେ ଏକିକୃତ ପେନସନ ପରିଚାଳନା ପୋର୍ଟାଲର ଶୁଭ ଉଦଘାଟନ



କଳାହାଣ୍ଡି, ୧୨/୧୧ (ଆ.ପ୍ର) : ଭବାନୀପାଟଣା ସ୍ଥାନୀୟ ଟାଉନ ହଲ ଠାରେ ସାମାଜିକ ସୁରକ୍ଷା ଓ ଜିନ୍ସମ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ରେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କ ଲ୍ୟା ଣ, ସ ଂ ସ ଦୀ ୟ ଜ୍ଞାପାର,ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏକୀକୃତ ପେନସନ ପରିଚାଳନା ପୋର୍ଟାଲର ଶୁଭ ଉଦଘାଟନ ସହ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ନୂତନ ହିତାଧିକାରୀଙ୍କୁ ଭତା ପ୍ରଦାନ କରିଥିଲେ । ସୂଚନା ଯୋଗ୍ୟ ଗତ କାଲି ୧୦.୧.୨୦୨୬ ଦିଖ ଭାରେଶ୍ୱର ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକିକୃତ ପେନସନ ପରିଚାଳନା ପୋର୍ଟାଲର ଉଦ୍ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ପୂର୍ବକ ଜିଲ୍ଲାରେ(ଟଟଗତ) ଏକୀକୃତ ପେନସନ ପରିଚାଳନା ପୋର୍ଟାଲ ମାଧ୍ୟମରେ ସାମାଜିକ ସୁରକ୍ଷା ଭତାପ୍ରାପ୍ତ ହେବାର ଗୁରୁତ୍ୱ ବୋଲି କହିଥିଲେ । କାର୍ଯ୍ୟକ୍ରମରେ 'ବନ୍ଦେ ମାତରମ୍' ଓ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ପରିବେଷଣ କରାଯାଇଥିଲା । ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଜ୍ୟାଦିନେଟ ମନ୍ତ୍ରୀ ପ୍ରାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲ୍ଲାର ସାମାଜିକ ସୁରକ୍ଷା ବ୍ୟବସ୍ଥା ରେ ଦୃଶ୍ୟ ଜରି ଯୋଡ଼ି ହୋଇଥିବା ହିତାଧିକାରୀ ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତାକୁ ପାଠ କରେ । ମନ୍ତ୍ରୀ ନିଜ ବକ୍ତବ୍ୟରେ ରାଜ୍ୟରେ ସାମାଜିକ ସୁରକ୍ଷା ଭତା ପାଇଁ ଆଜ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡିବା ନାହିଁ । ଏଣିକି ଭତା ପାଇବା ପାଇଁ ଯୋଗ୍ୟ ବ୍ୟକ୍ତି ଆବେଦନ କରିବାର ପର ମାସ ଠାରୁ ଭତା ପାଇବେ । ପୂର୍ବରୁ ଯୋଗ୍ୟ ହିତାଧିକାରୀ ତାଲିକା ରେ ଥିବା ହିତାଧିକାରୀଙ୍କ ମୃତ୍ୟୁ ପରେ ନାମ ତାଟିରେ ଦିଁ ଏହି ସୁବିଧା ପାଇଥିଲେ ଯାହାକି ଗ୍ରହଣୀୟ ନ ଥିଲା । ୮୦ ବର୍ଷ ବୟସ୍କ ବାଲ୍ଧିମାନଙ୍କୁ ବର୍ଦ୍ଧିତ ୩୫୦୦ ଟଙ୍କା ଭତା ପାଇଁ ପୁନର୍ବାର ଆବେଦନ କରିବାକୁ ପଡିବା ନାହିଁ ବୋଲି କହିଥିଲେ । ଏହି ଅବସରରେ ମଧୁବାବୁ ପେନସନ ଯୋଜନାର ସଚେତନତା ଉତ୍ସକୁ ଶୁଭାରମ୍ଭ କରିଥିଲେ । ଏହି ଉତ୍ସ ଜିଲ୍ଲାର ପ୍ରତ୍ୟେକ ବ୍ଲକ ଓ ପଂଚାୟତ ମାନଙ୍କରେ ଏକିକୃତ ପେନସନ ପରିଚାଳନା ପୋର୍ଟାଲ, ଆବେଦନ ପ୍ରକ୍ରିୟା ଉପରେ ବିଶେଷ ଜନ ସଚେତନତା ସୃଷ୍ଟି କରିବ । ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ଧର୍ମଗଡ ବିଧାୟକ ସୁଧାର ପାଢୀସୋଣା ଏବଂ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀଙ୍କ ସଦକ୍ଷେପକୁ ବହୁତ ପ୍ରଶଂସା କରି ଏହି ପୋର୍ଟାଲ ମାଧ୍ୟମରେ ସାମାଜିକ ସୁରକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ଏବଂ ଜିଲ୍ଲାରେ ପ୍ରକୃତ ହିତାଧିକାରୀ ଆର୍ଥିକ ସହାୟତାରୁ କେବେ ବଂଚିତ ହେ



ଆରମ୍ଭ

SEITHO ARAMBHA



ଶୁକ୍ରବାର, ୧୩ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ଭୂସ୍ଖଳନ ଭୟରେ ବଲିଙ୍ଗିଆ ଗ୍ରାମବାସୀ ଅନ୍ୟତ୍ର ଥଇଥାନ ପାଇଁ ତହସିଲଦାରଙ୍କୁ ନିବେଦନ

ଜି.ଉଦୟଗିରି, ୧୨/୧୧ (ଆ.ପ୍ର) : ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଲଗାତାର ବର୍ଷା ଯୋଗୁଁ ଜି. ଉଦୟଗିରି ବ୍ଲକ ବଲିଙ୍ଗିଆ ପଂଚାୟତ ବଲିଙ୍ଗିଆ ଗ୍ରାମରେ ଭୟଙ୍କର ଭୂସ୍ଖଳନ ହୋଇଥିଲା । ସେଥିରେ କେହି ମୃତାହତ ହୋଇନଥିଲେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଛି । ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଗ୍ରାମବାସୀ ପ୍ରଶାସନ ତରଫରୁ ଉଦ୍ଧାର କରାଯାଇ ନିକଟସ୍ଥ ଜିଲାପାଙ୍ଗା ଆଶ୍ରୟ ସ୍ଥଳରେ ରଖାଯାଇଛି । ବର୍ତ୍ତମାନ ସେହି ଗ୍ରାମକୁ ରାସ୍ତା ନିର୍ମାଣ ସହ ବିଦ୍ୟୁତ ସଂଯୋଗ କାର୍ଯ୍ୟକ୍ରମ ଚାଲିଥିବା ଦେଖିବାକୁ ମିଳୁଛି । କିନ୍ତୁ ଗ୍ରାମବାସୀ ଆଉ ବୋଲିଙ୍ଗିଆ ଗ୍ରାମରେ ଜଟିଳତରେ ଧନଜୀବନ ପ୍ରାଣ ରକ୍ଷିତ ନାଥିବା ଆଶଙ୍କାରେ ସେଠାରେ ରହିବାକୁ ଚାହୁଁନଥିବା ନେଇ ସ୍ଥାନୀୟ ତହସିଲଦାରଙ୍କୁ ଅନ୍ୟତ୍ର ଥଇଥାନ ନିମନ୍ତେ ଆବଶ୍ୟକ ନିବେଦନ କରିଛନ୍ତି । ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଲଗାତାର ବର୍ଷା ଗ୍ରାମ ନିକଟସ୍ଥ ଅନେକ ପାହାଡ଼ ଅଂଚଳରେ ଅନେକ ସ୍ଥାନରେ ଭୂସ୍ଖଳନ ଘଟିଥିଲା । ବଲିଙ୍ଗିଆ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି କରିଥିଲା । ବଲିଙ୍ଗିଆ ଗ୍ରାମ ପାଖାପାଖି ପାଚ ଦେଖରେ ଥିବା ଯୋଗୁଁ ଉଦ୍ଦିଷ୍ଟଦରେ ସେଠାରେ ରହିବା ଆଉ ସୁରକ୍ଷିତ ନୁହେଁ ବୋଲି



ଲୋକେ ଅନୁଭବ କରୁଛନ୍ତି । ଏହି ଘଟଣା ପରେ ଗ୍ରାମବାସୀଙ୍କ ମନରୁ ଭୂସ୍ଖଳନ ଭୟ ଦୂର ହୋଇନାହିଁ । ସେଥିରେ କେହି ମୃତାହତ ହୋଇନଥିଲେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଛି । ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଗ୍ରାମବାସୀ ପ୍ରଶାସନ ତରଫରୁ ଉଦ୍ଧାର କରାଯାଇ ନିକଟସ୍ଥ ଜିଲାପାଙ୍ଗା ଆଶ୍ରୟ ସ୍ଥଳରେ ରଖାଯାଇଛି । ବର୍ତ୍ତମାନ ସେହି ଗ୍ରାମକୁ ରାସ୍ତା ନିର୍ମାଣ ସହ ବିଦ୍ୟୁତ ସଂଯୋଗ କାର୍ଯ୍ୟକ୍ରମ ଚାଲିଥିବା ଦେଖିବାକୁ ମିଳୁଛି । କିନ୍ତୁ ଗ୍ରାମବାସୀ ଆଉ ବୋଲିଙ୍ଗିଆ ଗ୍ରାମରେ ଜଟିଳତରେ ଧନଜୀବନ ପ୍ରାଣ ରକ୍ଷିତ ନାଥିବା ଆଶଙ୍କାରେ ସେଠାରେ ରହିବାକୁ ଚାହୁଁନଥିବା ନେଇ ସ୍ଥାନୀୟ ତହସିଲଦାରଙ୍କୁ ଅନ୍ୟତ୍ର ଥଇଥାନ ନିମନ୍ତେ ଆବଶ୍ୟକ ନିବେଦନ କରିଛନ୍ତି । ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଲଗାତାର ବର୍ଷା ଗ୍ରାମ ନିକଟସ୍ଥ ଅନେକ ପାହାଡ଼ ଅଂଚଳରେ ଅନେକ ସ୍ଥାନରେ ଭୂସ୍ଖଳନ ଘଟିଥିଲା । ବଲିଙ୍ଗିଆ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି କରିଥିଲା । ବଲିଙ୍ଗିଆ ଗ୍ରାମ ପାଖାପାଖି ପାଚ ଦେଖରେ ଥିବା ଯୋଗୁଁ ଉଦ୍ଦିଷ୍ଟଦରେ ସେଠାରେ ରହିବା ଆଉ ସୁରକ୍ଷିତ ନୁହେଁ ବୋଲି



ସିରିଜ୍‌ର ଆରମ୍ଭ

SEITHO ARAMBHA



ଶୁକ୍ରବାର, ୧୩ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଅଣ୍ଡର ୧୯ ଏସିଆ କପ: ଶନିବାର ଭାରତ-ପାକିସ୍ତାନ ଫାଇନାଲ୍

ନୂଆଦିଲ୍ଲୀ, ୧୨/୧୧(ନ୍ୟୁ.ଏ): ଅଣ୍ଡର ୧୯ ଏସିଆ କପ ଫାଇନାଲରେ ପୁଣି ମୁହାଁମୁହିଁ ହେବାକୁ ଯାଉଛନ୍ତି ଭାରତ ଓ ପାକିସ୍ତାନ । ଗ୍ରୁପ ପର୍ଯ୍ୟାୟରେ ପାକିସ୍ତାନ ଠାରୁ ହାରିଥିବା ଭାରତ ଆଜି ସେମିରେ ଆଫଗାନିସ୍ତାନକୁ ଏକତରଫା ଭାବେ ହରାଇ ଦେଇଛି । ଭାରତୀୟ ଅଣ୍ଡର ୧୯ ଟିମର ଅଧିନାୟକ ଲକ୍ଷ୍ୟ ଭାଜେଣ୍ଡ ଚାମ୍ପିଅନ ସେମିରେ କରିଛନ୍ତି କମାଲ । ସେ ଶତକ ହାସଲର ଅତି ନିକଟରେ ଅଟକି ଯାଇଥିଲେ ହେଁ ଭାରତକୁ ଦେଇଛନ୍ତି ଫାଇନାଲ ଟିକେଟ । ଲକ୍ଷ୍ୟ ୯୦ ବଲରେ ଖେଳିଛନ୍ତି ୯୩ ରନର ଇନିଂସ । ଦେବୀ ସେରୱାଗ ମଧ୍ୟ ୫୬ ବଲରେ ୫୧ ରନ ଜରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଭାରତ ୮ ୱିକେଟରେ ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଛି । ଭାରତ ଦ୍ୱିତୀୟ ସେମି ଜିତି ଫାଇନାଲକୁ ଯାଉଥିବା ଭେଳେ ପ୍ରଥମ ସେମିରେ ବାଜିମାତ କରିଛି ପାକିସ୍ତାନ । ଦଳ ଆଜି ବାଂଲାଦେଶକୁ ୯ ୱିକେଟରେ ହରାଇ ଫାଇନାଲରେ ପ୍ରବେଶ କରିଛି । ଡେଣ୍ଟୁ ଶନିଦାଗ ଦୁଇ ପାକ୍‌ଖିକ ପ୍ରତିଦ୍ୱନ୍ଦ୍ୱୀ ଟ୍ରଫି ପାଇଁ ଟକ୍କର ଜରିବେ । ୨୦୨୫ ଅଣ୍ଡର ୧୯ ଏସିଆ କପ ଫାଇନାଲରେ ମଧ୍ୟ ଭାରତ-ପାକିସ୍ତାନ ମୁହାଁମୁହିଁ ହୋଇଥିଲେ । ଏହି ଫାଇନାଲରେ ପାକିସ୍ତାନ ବିଜୟୀ ହୋଇଥିଲା । ଏଥାପରେ ଚଳିତ ବର୍ଷ ଏସିଆ କପର ଗ୍ରୁପ ପର୍ଯ୍ୟାୟରେ ମଧ୍ୟ ଭାରତକୁ ନାଟକୀୟ ଢଙ୍ଗରେ ହରାଇବାକୁ ସକ୍ଷମ



ହୋଇଛି ପାକିସ୍ତାନ । ଡେଣ୍ଟୁ ଶନିଦାଗ ଭାରତ ପାଖରେ ଡବଲ ପରାଜୟର ମଧୁର ପ୍ରତିଶୋଧ ନେବାକୁ ସୁଯୋଗ ରହିବ । ଆଜିର ମ୍ୟାଚ୍ କଥା ବିଚାରକୁ ନେଲେ ଟସ୍ ଜିତି ପ୍ରଥମ ବ୍ୟାଟିଂ କରୁଥିବା ଆଫଗାନିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୨୨୭ ରନ କରିଥିଲା । ଦଳ ପକ୍ଷରୁ ସେମିରେ ଶତକ ହାସଲ କରିଥିବା ଭେଳେ ଅଧିନାୟକ ସୋହଲ ଖାନ ଷୋଳ ବଲରେ ୪୪ ରନ କରିଥିଲେ ଅପରାଜିତ ୩୨ ରନର ଇନିଂସ । ଭାରତ ପକ୍ଷରୁ ଇଶାନ ମୁତ ସର୍ବାଧିକ ୩ଟି ୱିକେଟ ନେଇଥିବା ଭେଳେ ଆର୍ଯ୍ୟନ ସାହଜାନି ୨ଟି, ଜାସ୍ୟା ପଟେଲ, ଯଶବର୍ଦ୍ଧନ ଚୌହାନ ଓ ଅର୍ଜୁନ ଚାଉପୁତ୍ରୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା । ଫାଇନାଲ ଟିକେଟ ପାଇଁ ୨୨୮ ରନର ଟାର୍ଗେଟ ପାଇଥିବା ଭାରତ ପାଇଁ କମାଳ କରିଥିଲେ ଅଧିନାୟକ ଲକ୍ଷ୍ୟ ଓ ୟୁଏଇ ବିପକ୍ଷରେ ୧୬୦ ରନର ଇନିଂସ ଖେଳିଥିବା ଆର୍ଯ୍ୟବାଗ ସେରୱାଗ । ଲକ୍ଷ୍ୟ ଚଳିତ ଏସିଆ କପରେ କ୍ରମାଗତ ଫେରା ମାରୁଥିବା ଭେଳେ ଆଜି ସେମିରେ ନିଜର ଜଲ୍ଦି ଦେଖାଇଥିଲା । ସେ କ୍ରମାଗତ ଚୌକା ମାରି ପ୍ରଥମେ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ । ସେହିପରି ଆର୍ଯ୍ୟବାଗ ମଧ୍ୟ ସିନ୍ଦାକୁ ଗୋଟିଏ ପରେ ଗୋଟିଏ ଛକା ମାରିଥିଲେ । ୫୬ ବଲରେ ସେ ଛକା ମାରି ନିଜର ଅର୍ଦ୍ଧଶତକ ହାସଲ କରିବା ପରେ ବୁର ଅଲା ନିଆଳିଙ୍କ ବଲରେ କ୍ୟାଚ ଆଉଟ ହୋଇଯାଇଥିଲେ । ଆର୍ଯ୍ୟବାଗ ନିଜ ଇନିଂସରେ ୪ଟି ଛକା ଓ ୪ଟି ଚୌକା ମାରିଛନ୍ତି । ପ୍ରଥମ ୱିକେଟ ପାଇଁ ସେ ଲକ୍ଷ୍ୟଙ୍କ ସହ ମିଶି ୧୭ ଓଭରରେ ୧୧୭ ରନ ଯୋଡ଼ିବା ପରେ ଫାଇନିୟନ ଫେରିଥିଲେ । ଆର୍ଯ୍ୟବାଗ ଆଉଟ ହୋଇଥିଲେ ହେଁ ଲକ୍ଷ୍ୟ ନିଜ ଲକ୍ଷ୍ୟରୁ ବିଚ୍ୟୁତ ହୋଇ ନଥିଲେ । ସେ ଶିଜେ ବିନାଡଙ୍କ ଷଷ୍ଠ ମିଶି ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ । ଦଳୀୟ ସ୍କୋର ୧୯୪ ଥିବା ବେଳେ ବ୍ୟକ୍ତିଗତ ୯୩ ରନରେ ପଭିଳିୟନ ଫେରିବାକୁ ଯାଇ ଆଫଗାନ ଅଧିନାୟକ ସୋହେଲ ଖାନଙ୍କ ବଲରେ ଆଉଟ ହୋଇ ଯାଇଥିଲେ । ଏହି ୯୩ ରନର ଇନିଂସରେ ସେ ୧୩ଟି ଚୌକା ଓ ଗୋଟିଏ ଛକା ମାରିଛନ୍ତି । ଲକ୍ଷ୍ୟ ଆଉଟ ହେବା ସମୟରେ ବିନୀତ ୩୬ ରନରେ ପହଂଚି ଯାଇଥିଲେ । ତାକୁ ସାଥି ଦେବାକୁ ଏହି ସମୟରେ ଆସିଥିଲେ ଯଶବର୍ଦ୍ଧନ ଚୌହାନ । ଉଭୟ ଦମଦାର ବ୍ୟାଟିଂ କରି ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ । ବିନୀତ ମଧ୍ୟ ଚଳିତ ଏସିଆ କପରେ କ୍ରମାଗତ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ । ଶେଷରେ ସେ ବୁରକୁ ଛକା ମାରି ନିଜର ମୁଖି ମାରିଥିଲେ । ବିନୀତ ଶେଷ ଯାଏ ୬୨ ବଲରେ ୫୭ ରନ ଯୋଡ଼ିବା ପରେ ଯଶବର୍ଦ୍ଧନ ୧୬ ରନ କରି ଅପରାଜିତ ରହିଥିଲେ । ଭାରତ ୮ ୱିକେଟରେ ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଛି ।

ଭାରତର ୨୯ତମ ଦିନିକିଆ ଅଧିନାୟକ ହେଲେ ଶ୍ରେୟସ ଆୟର

ନୂଆଦିଲ୍ଲୀ, ୧୨/୧୧(ନ୍ୟୁ.ଏ): ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ତୃତୀୟ ଏବଂ ଂତମ ଦିନିକିଆ ମ୍ୟାଚରେ ଶ୍ରେୟସ ଆୟର ଭାରତୀୟ ଦଳର ନେତୃତ୍ୱ କରେ । ପ୍ରଥମ ଟିନୋଟି ମ୍ୟାଚରେ ନିୟମିତଭାବେ ଅଧିନାୟକ ଶୁଭମନ ଗିଲ୍ ଦଳର ନେତୃତ୍ୱ କରିଥିଲେ । ଆଗାମୀ ଟେଷ୍ଟ ସିରିଜ୍‌ରୁ ବୃଷ୍ଟିରେ ରନ୍ଧ, ଗିଲଙ୍କ ସମେତ କିଛି ଖେଳାଳି ତୃତୀୟ ଏବଂ ଂତମ ଦିନିକିଆ ମ୍ୟାଚରେ ଖେଳିରେ ନାହିଁ । ଗିଲଙ୍କ ଅନୁପସ୍ଥିତିରେ ଦଳର ବାରିତ୍ୱ ଗ୍ରହଣ କରି, ଆୟର ଭାରତର ୨୯ତମ ଦିନିକିଆ ଅଧିନାୟକ ହେବେ । ପ୍ରଥମଥର ପାଇଁ ଆୟର କୌଣସି ଦିନିକିଆ ମ୍ୟାଚରେ ଭାରତୀୟ ଦଳର ନେତୃତ୍ୱ ନେବାକୁ ଯାଉଛନ୍ତି ।



ଅଜିତ ଖ୍ୱାଡେକର ଏହି ଫର୍ମାଟରେ ପ୍ରଥମ ଥର ପାଇଁ ଭାରତର ଅଧିନାୟକତ୍ୱ କରିଥିଲେ । ୧୯୬୪ ମସିହା ଜୁଲାଇ ମାସରେ ଇଂଲଣ୍ଡ ବିପକ୍ଷରେ ଭାରତୀୟ ଦଳ ନିଜର ପ୍ରଥମ ଦିନିକିଆ ମ୍ୟାଚ୍ ଖେଳିଥିଲା । ଅଧିନାୟକ ଖ୍ୱାଡେକର ଦଳ ପାଇଁ ୬୭ ରନ୍ ସଂଗ୍ରହ କରିଥିଲେ । ଲିଡ୍‌ର ହେଡିଙ୍ଗଲି ଠାରେ ଅନୁଷ୍ଠିତ ଏହି ମ୍ୟାଚରେ ଆୟୋଜକ ଇଂଲଣ୍ଡ ୪ ୱିକେଟରେ ବିଜୟୀ ହୋଇଥିଲା ।

ଏସଆରଏଚ ମାଲିକାଣୀ କାବ୍ୟାଙ୍କ ହାତ ଧରିଲେ ସଙ୍ଗୀତ ନିର୍ଦ୍ଦେଶକ ଅନିରୁଦ୍ଧ

ହାଇଦ୍ରାବାଦ, ୧୨/୧୧(ନ୍ୟୁ.ଏ): ଆଇପିଏଲ ଦଳ ସନ୍‌ରାଇଜର୍ସ ହାଇଦ୍ରାବାଦର ସହ-ମାଲିକାଣୀ କାବ୍ୟା ମାରାନ ଶେଷରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ସେ ସଙ୍ଗୀତ ନିର୍ଦ୍ଦେଶକ ଅନିରୁଦ୍ଧ ରବିଚନ୍ଦରଙ୍କୁ ବିବାହ କରିଛନ୍ତି । ଗ୍ରୀସରେ ସେମାନଙ୍କ ବିବାହ ସମ୍ପନ୍ନ ହୋଇଛି । ବିବାହ ଉତ୍ସବରେ ସୁପରଷ୍ଟାର ରଜନୀକାନ୍ତ, ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍‌କେଷ୍ଟାଲିନଙ୍କ ସହ ବହୁ ବଡ଼ ବଡ଼ ସେଲିବ୍ରିଟିଙ୍କୁ ଦେଖିବାକୁ ମିଳିଥିଲା । ଉଭୟ ବିବାହ ପାଇଁ କ୍ୟାଲେଣ୍ଡରର ଏକ ଅଦ୍ଭୁତ ତାରିଖକୁ ଚୟନ (୧୧/୧୧) କରିଥିଲେ । ଆସନ୍ତା ୨୧ ତାରିଖରେ ଚେନ୍ନାଇରେ ଜାତ୍ୟା-ଅନିରୁଦ୍ଧଙ୍କ



ବିବାହ ରୋଜି ଆୟୋଜିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଯୋଶେଫ ବିଜୟ ଓ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷରେ ଏଥିରେ ଯୋଗ ଦେବା ନେଇ କାବ୍ୟା ନିମନ୍ତ୍ରଣ ଜଣାଇଛନ୍ତି ।

ମହଙ୍ଗା ମାଡ଼: ଆରବିଆଇ ସୀମା ରେଖା ଡେଇଁଲା ମୁଦ୍ରାସ୍ଫୀତି



ନୂଆଦିଲ୍ଲୀ, ୧୨/୧୧(ନ୍ୟୁ.ଏ): ଦେଶରେ ଦୈନନ୍ଦିନ ବ୍ୟବହାର ହେଉଥିବା ଜିନିଷ ଗୁଡ଼ିକର ଦର ବଢ଼ିଚାଲିଛି । ମହଙ୍ଗା ମାଡ଼ରେ ଆଜତ ପାଉଚ ଲୋକ । ଲୋକଙ୍କ ମାସିକ ଖ୍ରୋସରା ବିଲ୍ ଆଉକୁ ଆହୁରି ବଢ଼ିବ । ପ୍ରିତି ଏପରି ହୋଇଛି ଯେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ଆରବିଆଇର ସୁରକ୍ଷିତ ସୀମାକୁ ମଧ୍ୟ ଅତିକ୍ରମ କରିଯାଇଛି । ଅକ୍ଟୋବରରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ୬.୦୯% ରୁ ଛୁଇଁଛି । ସେପ୍ଟେମ୍ବରରେ ମୁଦ୍ରାସ୍ଫୀତି ୫.୪୪% ରହିଥିଲା । ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ଯୋଗୁ ଅକ୍ଟୋବର ମାସରେ ମୁଦ୍ରାସ୍ଫୀତି ଜେବଁଠି ସରକାର ପକ୍ଷରୁ ନିର୍ଦ୍ଧାରିତ ସୀମାରୁ ଅଧିକ ରହିଛି । ସରକାରଙ୍କ ଦ୍ୱାରା ଜାରି ତଥ୍ୟ ଅନୁଯାୟୀ, ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ୬.୦୯% ରହିଛି । ଏହା ସିପିଆଇ (ଖୁଚୁରା ଦର ସୂଚକାଙ୍କ) ମୁଦ୍ରାସ୍ଫୀତି ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ସବୁବେଳେ ୨ ରୁ ୬% ରହିବା ଉପରେ ଗୁରୁତ୍ୱ ଦେଇଥାଏ । ଏହାଦ୍ୱାରା ଅର୍ଥନୀତି ଉପରେ ଦରବୃଦ୍ଧିର ପ୍ରଭାବ କମ ହୁଏ । ଅକ୍ଟୋବର ମାସରେ ଆରବିଆଇର ଧାର୍ଯ୍ୟ ସୀମା ଅତିକ୍ରମ କରି ଯାଇଛି । ଖାଦ୍ୟ ସାମଗ୍ରୀ ଦରବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି । ଜାରଣ ଏହା ସିପିଆଇ ଡାଟାସେଟ ଉପରେ ପ୍ରଭାବ ପକାଇଥାଏ ।

ଓ ରେଷ୍ଟୁରାଂଟ ସେକ୍ଟାର ମୁଦ୍ରାସ୍ଫୀତି ୧୦.୦୨% ରହିଛି । ପାନ, ତମାଖୁ ଓ ନିଶାଦ୍ରବ୍ୟ ମୁଦ୍ରାସ୍ଫୀତି ସେପ୍ଟେମ୍ବରରେ ୪.୮୦% ଥିବା ବେଳେ ଅକ୍ଟୋବରରେ ୪.୯୩% କୁ ବୃଦ୍ଧି ପାଇଛି । ଗ୍ରାମାଂଚଳରେ ଏହା ୪.୭୦% ଓ ସହରାଂଚଳ ୫.୪୨% ରହିଛି । ଜୋତୁଖି ଓ ଜୋତା ମୁଦ୍ରାସ୍ଫୀତି ଅକ୍ଟୋବରରେ ୪.୯୬% ହୋଇଛି । ଗୃହ, ଜଳ, ବିଦ୍ୟୁତ୍ ଓ ଇନ୍ଧନ ମୁଦ୍ରାସ୍ଫୀତି ୨.୯୦%, ଗାଡୀ ଜରାନ୍ତରଣ ଓ ରକ୍ଷଣାବେକ୍ଷଣ ମୁଦ୍ରାସ୍ଫୀତି ୩.୯୪%, ସ୍ୱାସ୍ଥ୍ୟ ମୁଦ୍ରାସ୍ଫୀତି ୧.୪୦%, ଯୋଗାଯୋଗ ମୁଦ୍ରାସ୍ଫୀତି ୩.୧୬%, ମନୋରଞ୍ଜନ, ଢ଼ାଡ଼ା ଓ ସଂସ୍କୃତି ମୁଦ୍ରାସ୍ଫୀତି ଅକ୍ଟୋବରରେ ୨.୫୨% ରହିଛି । ସିପିଆଇ (ଖୁଚୁରା ଦର ସୂଚକାଙ୍କ) ମୁଦ୍ରାସ୍ଫୀତି ସବୁବେଳେ ୨ ରୁ ୬% ରହିବା ଉପରେ ଗୁରୁତ୍ୱ ଦେଇଥାଏ । ଏହାଦ୍ୱାରା ଅର୍ଥନୀତି ଉପରେ ଦରବୃଦ୍ଧିର ପ୍ରଭାବ କମ ହୁଏ । ଅକ୍ଟୋବର ମାସରେ ଆରବିଆଇର ଧାର୍ଯ୍ୟ ସୀମା ଅତିକ୍ରମ କରି ଯାଇଛି । ଖାଦ୍ୟ ସାମଗ୍ରୀ ଦରବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି । ଜାରଣ ଏହା ସିପିଆଇ ଡାଟାସେଟ ଉପରେ ପ୍ରଭାବ ପକାଇଥାଏ ।

ମହାରାଷ୍ଟ୍ରର ସୋଲାପୁର ବିମାନବନ୍ଦରରେ ପ୍ରଶିକ୍ଷଣ ବିମାନର 'ହାର୍ଡ ଲ୍ୟାଣ୍ଡିଂ'



ମୁମ୍ବାଇ, ୧୨/୧୧(ନ୍ୟୁ.ଏ): ମହାରାଷ୍ଟ୍ରର ସୋଲାପୁର ବିମାନବନ୍ଦରରେ ଗୁରୁବାର ଏକ ପ୍ରଶିକ୍ଷଣ ବିମାନର 'ହାର୍ଡ ଲ୍ୟାଣ୍ଡିଂ' ଘଟିବା ପଢରେ ବିମାନଟି ଜନଶ୍ୱେ ଉପରେ ଅତକି ଉଛିଛି । ତେବେ ଏହି ଦୁର୍ଘଟଣାରେ କୌଣସି ପ୍ରାଣହାନି କିମ୍ବା କ୍ଷୟକ୍ଷତି ହୋଇନଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ, ଜଣେ ମହିଳା ପ୍ରଶିକ୍ଷାର୍ଥୀ ପାଇଲଟ୍ ତାଙ୍କର ଏକକ ଇସ୍-ଜଂଟ୍ରି ଡଡ଼ାଣ ଅଭ୍ୟାସ କରୁଥିବା ସମୟରେ ଏହି ଅଘଟଣ ଘଟିଥିଲା । ରେଡ଼ବାର୍ଡ ଆଭିଏସନ୍ ଟ୍ରେନିଂ ଏକାଡେମୀର ଅଧିକାରୀ ଜରାଣ ମାନ୍ ଷ୍ଟ କରିଛନ୍ତି ଯେ, ଅତଡରଣ ସମୟରେ ବିମାନଟିର ହାର୍ଡ ଲ୍ୟାଣ୍ଡିଂ ଘେରାଉ ଏହା ଜନଶ୍ୱେରେ ପଡି ରହିଥିଲା, ମାତ୍ର ପାଇଲଟ୍ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି ଏବଂ କେହି ଆହତ ହୋଇନଥିବାନି । ଖବର ପାଇ ତୁରନ୍ତ ବିମାନବନ୍ଦରର ଡାକ୍ତରୀ ଦଳ, ଅଗ୍ନିଶମ ବାହିନୀ ଏବଂ ସୁରକ୍ଷା ଅଧିକାରୀମାନେ ଘଟଣାସ୍ଥଳକୁ ଯାଇଁ ସ୍ଥିତି ଅନୁଧ୍ୟାନ କରିଛନ୍ତି । ସୁରକ୍ଷା ଦୃଷ୍ଟିରୁ ଜନଶ୍ୱେ ନିକଟରେ ଆସୁଥିବା ଏବଂ ଦାଜଳ ଗାଡ଼ି ମୁଡାକ୍ତ ଜରାଯାଇ ବିମାନଟିକୁ ସେଠାରୁ ହଟାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ।

ମୁମ୍ବାଇରେ ପୁଣି ବୋମା ଧମକ



ନୂଆଦିଲ୍ଲୀ, ୧୨/୧୧(ନ୍ୟୁ.ଏ): ମୁମ୍ବାଇରେ ପୁଣି ବୋମା ଆତଙ୍କ । ସହରର ଏକାଧିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ବୋମାରେ ଉଡ଼ାଇଦେବାକୁ ଧମକପୂର୍ଣ୍ଣ ଇମେଲ୍ ମିଳିବା ପରେ ଆଲର୍ଟ ହୋଇଛନ୍ତି ସୁରକ୍ଷା ଏଜେନ୍ସି । ଟାର୍ଗେଟ୍‌ରେ ରହିଛି ମୁମ୍ବାଇ ମେୟରଙ୍କ କାର୍ଯ୍ୟାଳୟ, ରବିନ୍ଦ୍ର ଅଡିଟୋରିୟମ ଏବଂ ଅମିତାଭ ବଚ୍ଚନଙ୍କ ବଙ୍ଗଳା ଏବଂ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦର । ଧମକପୂର୍ଣ୍ଣ ଇମେଲ୍ ପରେ ବମ୍ବୀ ନିଷ୍ପିୟକାରୀ ଦଳ ଓ ସୁରକ୍ଷା କର୍ମୀ ବିଭିନ୍ନ ସ୍ଥାନରେ ଯାଂଚ କରିଛନ୍ତି । ତେବେ ଯାଂଚ ସମୟରେ କୌଣସି ସନ୍ଦିଗ୍ଧ ସାମଗ୍ରୀ ମିଳିନାହିଁ । ସୂଚନା ଅନୁଯାୟୀ, ଗତ କିଛି ସପ୍ତାହ ଧରି ମୁମ୍ବାଇର ବିଭିନ୍ନ ସ୍ଥାନକୁ ଏଭଳି ଧମକପୂର୍ଣ୍ଣ ଇମେଲ୍ ଆସୁଛି । ନଭେମ୍ବର ୬ ତାରିଖରେ ମଧ୍ୟ ଅମିତାଭ ବଚ୍ଚନଙ୍କ ବୁଲୁପ୍ରିନ୍ଟ ବଙ୍ଗଳବଦ 'ଜଲ୍‌ସା'କୁ ବୋମାରେ ଉଡ଼ାଇବା ଧମକ ମିଳିଥିଲା । ପୁଲିସ ତାଙ୍କ ବଙ୍ଗଳାରେ ଯାଂଚ କରିଥିଲେ ମଧ୍ୟ କୌଣସି ସନ୍ଦିଗ୍ଧ ଜିନିଷ ମିଳିନଥିଲା । ଏହା ପୂର୍ବରୁ ଅକ୍ଟୋବର ୨୩ ତାରିଖରେ ମୁମ୍ବାଇ ମେୟରର ରିପୁ ଡାଡ଼ୁଚେ ଓ ଡେପୁଟି ମେୟର ସଞ୍ଜୟ ଗାନ୍ଧିଙ୍କୁ ମଧ୍ୟ ଧମକପୂର୍ଣ୍ଣ ଇମେଲ୍ ମିଳିଥିଲା । ଏଥିରେ ମେୟରଙ୍କ କାର୍ଯ୍ୟାଳୟ, ଅମିତାଭଙ୍କ ବଙ୍ଗଳା ଏବଂ ଗାୟକ ଦିଲଜିତ ଦୋସାଞ୍ଜଙ୍କ ମୁମ୍ବାଇ କନସର୍ଟ ସ୍ଥଳକୁ ଟାର୍ଗେଟ୍ କରିବାକୁ ଧମକ ଦିଆଯାଇଥିଲା । ଏପରିକି ଅକ୍ଟୋବର ୩୧ରେ ଏକ ସ୍କୁଲ୍‌ରେ ଟ୍ରେନେଡ୍ ଆକ୍ରମଣ ନେଇ ମଧ୍ୟ ବେଦାଦନା ଦିଆଯାଇଥିଲା । ପରେ ବମ୍ବୈ ହାଇକୋର୍ଟ ଓ ବମ୍ବୈ ଷ୍ଟକ୍ ଏକ୍ସଚେଞ୍ଜକୁ ନେଇ ମଧ୍ୟ ଧମକ ଆସିଥିବା ରିପୋର୍ଟ ହୋଇଥିଲା । ଭାଗାଡାର ଧମକ ମିଳୁଥିବାରୁ ଅମିତାଭଙ୍କ ସୁରକ୍ଷାକୁ ନେଇ ମଧ୍ୟ ସତର୍କତା ବଢ଼ାଯାଇଛି । ନିକଟରେ ପ୍ରତି ରବିବାର ଭଳି ନିଜ ବାସଭବନ ବାହାରେ ପ୍ରଶଂସକଙ୍କୁ ଅଭିବାଦନ କରିଥିଲେ ୮୪ ବର୍ଷୀୟ ଅଭିନେତା । ସେହେ ଏଥର ସେ ଡୁରେଣ୍ଟପ୍ରୁଫ୍ କାଚ ଆଡୁଆଳରେ ରହି ପ୍ରଶଂସକଙ୍କୁ ହାତ ହଲାଇଥିଲେ । ତାଙ୍କ ପୁଅ ଅଭିଷେକ ବଚ୍ଚନ ଓ ସୁରକ୍ଷାକର୍ମୀ ମଧ୍ୟ ନିକଟରେ ଉପସ୍ଥିତ ଥିଲେ । ପୁଲିସ ଏହି ଧମକପୂର୍ଣ୍ଣ ଇମେଲ୍‌ଗୁଡ଼ିକର ଉତ୍ସ ଓ ପ୍ରେରକଙ୍କ ପରିଚୟ ଜାରିବାକୁ ତଦନ୍ତ ଜାରି ରଖିଛି । ଏପର୍ଯ୍ୟନ୍ତ ଯାଂଚରେ କୌଣସି ବିପଜ୍ଜନକ ସାମଗ୍ରୀ ମିଳିନଥିବେ ମଧ୍ୟ ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ରହିଛି ।

ହସିନାଙ୍କ ପ୍ରତ୍ୟାବର୍ତ୍ତନ ପୂର୍ବରୁ ବାଂଲାଦେଶରେ ହିଂସାର ନିଆଁ



ଢାକା, ୧୨/୧୧(ନ୍ୟୁ.ଏ): ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଯୋଜନାକୁ ନେଇ ଦେଶରେ ପୁଣି ରାଜନୈତିକ ଅସ୍ଥିରତା ଦେଖାଦେଇଛି । ଗତ କିଛି ସପ୍ତାହ ଧରି ଢାକା ସମେତ ଗାଜିପୁର, ଗୋପାଳଗଞ୍ଜ, ଶରିୟତପୁର ଓ ଅନ୍ୟାନ୍ୟ ଅଂଚଳରେ ବୋମାମାଡ଼, ଗାଡ଼ି ପୋଡ଼ାଜଳା ଓ ରାସ୍ତା ଅବରୋଧ ଜଳି ଘଟଣା ବଢ଼ିଚାଲିଛି । ଏହାକୁ ନେଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛନ୍ତି ସରକାର । ଗୁରୁବାର (୧୨ ନଭେମ୍ବର) ମଧ୍ୟରାତ୍ରିରେ ଜାତୀୟ ନାଗରିକ ପାର୍ଟି (ଏନ୍‌ସିପି)ର ସଂରକ୍ଷିତ ମହିଳା ଆସନର ସାଂସଦ ନୁସରତ ତବସୁମ୍‌ଙ୍କ ଘରେ ନିଆଁ ଲଗାଇ ଦିଆଯାଇଛି । ଆହୁତା ଲିଗ୍ କର୍ମୀମାନେ ଏହି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଘରଡରେ ନିର୍ଯାତନ ଜୀବନ ବିତାଉଥିବା ୭୯ ବର୍ଷୀୟା ବହିନା ଆସନ୍ତା ଡିସେମ୍ବରରେ ଦେଶକୁ ଫେରିବାକୁ ଯୋଜନା କରୁଛନ୍ତି । ୨୦୨୪ ଅଗଷ୍ଟ ୫ରେ ଛାତ୍ର ଆନ୍ଦୋଳନ ଯୋଗୁଁ କ୍ଷମତାଚ୍ୟୁତ ହେବା ପରଠାରୁ ସେ ଭାରତରେ ରହୁଛନ୍ତି । ଗତବର୍ଷ ନଭେମ୍ବରରେ ମାନବତା ବିରୋଧୀ ଅପରାଧ ମାମଲାରେ ତାଙ୍କୁ ମୃତ୍ୟୁଦଣ୍ଡ ମଧ୍ୟ ଶୁଣାଯାଇଛି । ସେପଟେ ତାଙ୍କ ପ୍ରତ୍ୟର୍ପଣ ପାଇଁ ଢାକା ଭାରତ ନିକଟରେ ଦାବି କରିଆସୁଛି । ଅନ୍ୟପକ୍ଷରେ ପୋଷାକ କାରଖାନା ଶ୍ରମିକଙ୍କ ମଜୁରି ବୃଦ୍ଧି ଦାବିରେ ହୋଇଥିବା ଆନ୍ଦୋଳନ ହିଂସାତ୍ମକ ରୂପ ନେଇଛି । ମାସିକ ସର୍ବନିମ୍ନ ମଜୁରି ୧୨,୫୦୦ ଟାକାରୁ ୩୦ ହଜାର ଟାକାକୁ ବୃଦ୍ଧି କରିବାକୁ ଶ୍ରମିକମାନେ ଦାବି କରୁଛନ୍ତି । ଅକ୍ଟୋବର ଶେଷ ଓ ନଭେମ୍ବର ଆରମ୍ଭରେ ଢାକା, ଗାଜିପୁର ଓ ସାରରରେ ପ୍ରଦର୍ଶନ ତୀବ୍ର ହୋଇଥିଲା । ବାଂଲାଦେଶ କର୍ତ୍ତୃପକ୍ଷ ସାମ୍ପ୍ରତିକ ହିଂସାଲଣ୍ଡ ପାଇଁ ନିଷିଦ୍ଧ ଆୱାମୀ ଲିଗ୍ ଓ ଏହାର ସହଯୋଗୀ ସଂଗଠନଗୁଡ଼ିକୁ ଦାୟୀ କରିଛନ୍ତି । ଆୱାମୀ ଲିଗ୍‌ର କାର୍ଯ୍ୟକର୍ତ୍ତାମାନେ ଦେଶରେ ଅସ୍ଥିର କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଅକ୍ଟୋବର ୩୦ ତାରିଖରେ ଢାକାର ଜାଲାଗାଉନ ବସ୍ତି ଷ୍ଟ ନିକଟରେ ଅନେକ ଦେଶୀ ବୋମା ବିସ୍ଫୋରଣ ହୋଇଥିବା ରିପୋର୍ଟ ହୋଇଥିଲା । ପୁଲିସ ପରେ ଚାରି ଜଣ